## ସଂକ୍ଷେପରେ

### ଯାତ୍ରା ଦଳକୁ ନେଇ ଯାଉଥିବା ଗାଡି ଦୁର୍ଘଟଣା ଗ୍ରସ୍ତ, ୧୭ ଆହତ

ମାଲକାନଗିରି,୧।୩(ଡି.ଏନ୍.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଞ୍ଚାୟତର ବାୟାଗୁଡା ଘାଟିରେ ଯାତ୍ରା ଦଳକୁ ନେଇ ଯାଉଥିବା ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୧୭ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ଗୁରୁତର ହୋଇଛନ୍ତି। ଖବରରୁ ଜଣାପଡିଛି, ମାଲକାନଗିରି ବ୍ଲକ ବୀରଲକ୍ଷ୍ମଣପୁର ପଞ୍ଚାୟତରୁ ଏକ ନାଟ୍ୟଦଳର କଳାକାରମାନେ ବାୟାଗୁଡାଠାରେ ନାଟକ ପ୍ରଦର୍ଶନ ପାଇଁ ଏକ ପିକଅପ ଭ୍ୟାନରେ ଯାଉଥିଲେ। ତେବେ ବାୟାଗୁଡା ଗ୍ରାମ ପୂର୍ବରୁ ପଡୁଥିବା ଘାଟିରେ ଆସୁଥିବା ବେଳେ ପିକଅପ ଭ୍ୟାନଟି ହଠାତ୍ ଭାରସାମ୍ୟ ହରାଇ ୬୦ ଫୁଟ ତଳକୁ ଖସି ପଡିଥିଲା। ସେହି ସମୟରେ କୁଡୁମୁଲୁଗୁମ୍ମା ଦିଦାୟୀ ଉନ୍ନୟନ ସଂସ୍ଥାର ପି.ଏମ୍. ନିଜ ଟିମ୍ ସଦସ୍ୟମାନଙ୍କୁ ଧରି ଘାଟିରୁ ତଳକୁ ଓହ୍ଲାଉଥିଲେ। ସେମାନେ ଏହି ଦୁର୍ଘଟଣା ଦେଖି ତୁରନ୍ତ ସ୍ଥାନୀୟ ପୋଲିସ ଓ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଏଥିସହ ନିକଟସ୍ଥ ଗ୍ରାମବାସୀଙ୍କ ସହାୟତାରେ ପିକପ୍ ଭ୍ୟାନରେ ଫଶି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ। କୁଡୁମୁଲୁଗୁମ୍ମା ଅଗ୍ନିଶମ କର୍ମଚାରୀ ଓ ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ କୁଡୁମୁଲୁଗୁମ୍ମା ଗୋଷ୍ଠୀ ଚିକିତ୍ସାଳୟକୁ ପଠାଇଥିଲେ। ଏହି ଦୁର୍ଘଟଣାରେ ୧୭ ଜଣ ଆହତ ହୋଇଛନ୍ତି। ସେଥିରୁ ୪ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ସନ୍ତୋଷ ଷଡଙ୍ଗୀ କହିଛନ୍ତି। ବର୍ତ୍ତମାନ କୁଡୁମୁଲୁଗୁମ୍ମାରେ ୧୩ ଜଣଙ୍କ ଚିକିତ୍ସାଧୀନ ଅଛନ୍ତି।

### ରେଳଧାରଣା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

ନନ୍ଦପୁର, ୧।୩(ଡି.ଏନ.ଏ.)-ପାଡୁଆ ରେଳ ଷ୍ଟେଶନ ନିକଟସ୍ଥ ପାଡୁଆ ଗ୍ରାମ ଜଗନ୍ନାଥ ମନ୍ଦିର ସମ୍ମୁଖ ରେଳଧାରଣା ପାର୍ଶ୍ୱରୁ ବୁଧବାର ଜଣେ ଯୁବକ(୩୦)ଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତକ ସେମିଳିଗୁଡ଼ା ନିକଟସ୍ଥ କାକିରିଗାଁ ଗ୍ରାମର ଶିବ ଶଙ୍କର କଣ୍ଟା ବୋଲି ଜଣାପଡ଼ିଛି। ରେଳଧାରଣା ଆରପଟେ ଥିବା ପାଡୁଆ ଉପରସାହିକୁ ସେ ତାଙ୍କର ଜଣେ ସମ୍ପର୍କୀୟ ଏରାୟା ସେଠୀଙ୍କ ଝିଅ ବାହାଘରରେ ଯୋଗଦେବାକୁ ମଙ୍ଗଳବାର ଆସିଥିଲେ। ଭୋର ସମୟରେ ନିଜ ମୋବାଇଲରେ କଥା ହୋଇ ରେଳ ଧାରଣା ପାରହେଉଥିବା ସମୟରେ ଏକ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି। ଆର୍‌ପିଏଫ୍ ଓଆଇସି ବିନୟ ଭୋଇ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରୁଥିବା ଜଣାପଡିଛି।

### କୋରାପୁଟ ମେଡିକାଲ କଲେଜର ନୂତନ ଡିନ୍

କୋରାପୁଟ, ୧।୩(ସ୍ୱ.ପ୍ର.)- କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଡିନ ଏବଂ ଅଧକ୍ଷ ଭାବେ ଆନାଟୋମି ବିଭାଗର ପ୍ରଫେସର ଡାକ୍ତର ସଦାନନ୍ଦ ରଥ ଦାୟିତ୍ୱ ଗ୍ରହଣ କରିଥିବା ଜଣାଯାଇଛି। ଏଠାରେ ଡିନ ଏବଂ ଅଧକ୍ଷ ଥିବା ପ୍ରଫେସର ଡାକ୍ତର କୃଷ୍ଣଚନ୍ଦ୍ର ବିଶ୍ୱାଳ ମଙ୍ଗଳବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ପ୍ରଫେସର ରଥ ଏହି ଦାୟିତ୍ୱ ତୁଲାଇବେ।

# କାଲିମେଳାରେ ପହଞ୍ଚିଲେ ତିନିଠାକୁର

କାଲିମେଳା, ୧।୩(ଡି.ଏନ.ଏ.)

ମାଲକାନଗିରି ଜିଲାର ଆରମ୍ଭ ହୋଇଥିବା ଗଣପର୍ବ ବଡଯାତ୍ରାର ଦ୍ୱିତୀୟ ଦିନରେ ତିନିଠାକୁର କାନାମରାଜ, ବାଲ୍‌ରାଜ ଓ ପୋତରାଜଙ୍କ ସହ ଦେବୀ ମତ୍ୟୁଲୁଆମ୍ମା ମାନ୍ୟମକୋଣ୍ଡା ପୀଠରେ ପୂଜା ପାଇବା ପରେ ବୁଧବାର ତୃତୀୟ ଦିନରେ ମାନ୍ୟମକୋଣ୍ଡା ପୀଠରୁ ସକାଳୁ ବାହାରି ରାଜଗିରି,ଏମପିଭି-୩୬ ଏମଭି-୧୨୬ ଗ୍ରାମ ଦେଇ ସନ୍ଧ୍ୟାରେ ବଡିଗୁଡାସ୍ଥିତ ମଣ୍ଡପରେ ପହଞ୍ଚିଥିଲେ । ସେଠାରେ ଶତାଧିକ ଶ୍ରଦ୍ଧାଳୁ ନିଜ ମାନସିକ ପୂରଣ ପାଇଁ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ସେଠାରେ ୨ ଘଣ୍ଟା ପୂଜା ପାଇବା ପରେ ଠାକୁରମାନେ କାଲିମେଳା ମଣ୍ଡପ ମୁହାଁ ହୋଇଥିଲେ। । ଠାକୁରମାନେ କାଲିମେଳାରେ ପହଞ୍ଚିବା ପରେ କାଲିମେଳା ପୂଜା କମିଟିଏବଂ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଆତସବାଜି ଫୁଟାଇ ବାଜା ବଜାଇ ଠାକୁରଙ୍କୁ ସହର ପରିକ୍ରମା କରାଯାଇଥିଲା । ରାସ୍ତାର ବିଭିନ୍ନ ସ୍ଥାନରେ ଠାକୁର ପୂଜା ପାଇଥିଲେ। ଶ୍ରଦ୍ଧାଳୁମାନେ ଠାକୁରଙ୍କ ପ୍ରତୀକ ବାଁଉଶ ଧରି ଖାଲି ପାଦରେ ଚାଲୁଥିବା ଦେଖିବାକୁ ମିଳିଥିଲା। ମହିଳାଙ୍କ ଦେହରେ କାଳିଶି ଲାଗିବାରୁ ସେମାନେ ରାସ୍ତା ସାରା ଝୁଲି ଝୁଲି ନୃତ୍ୟ କରୁଥିଲେ। ଠାକୁରମାନଙ୍କୁ କାଲିମେଳା ପୂଜା ମଣ୍ଡପକୁ ନିଆଯାଇଛି। ପରମ୍ପରା ଅନୁଯାୟୀ ଅନୁଯାୟୀ ଗୁରୁବାର ବଡଯାତ୍ରା ହେବ । ଶ୍ରଦ୍ଧାଳୁମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ଠାକୁରଙ୍କୁ ଦର୍ଶନ କରିପାରିବେ ସେ ନେଇ ସମସ୍ତ ବ୍ୟବସ୍ଥା ହୋଇଛି। ଗୁରୁବାର ବଡଯାତ୍ରା ପରେ ସନ୍ଧ୍ୟାରେ ଠାକୁର କାଙ୍ଗୁରୁକୋଣ୍ଡା ଗ୍ରାମ ଅଭିମୁଖେ ବାହାରିବେ।


ଠାକୁର ସହର ପରିକ୍ରମା କରୁଛନ୍ତି।

# ଲିଖିତ ପ୍ରତିଶ୍ରୁତି ପରେ ସ୍କୁଲ ତାଲା ଖୋଲିଲେ ଗ୍ରାମବାସୀ

କୁନ୍ଦୁରା,୧।୩ (ଡି.ଏନ.ଏ.)


ପରିଚାଳନା କମିଟି ସଭାପତି ପ୍ରତିଶ୍ରୁତି ପତ୍ର ଗ୍ରହଣ କରୁଛନ୍ତି ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ଆମ୍ବଗୁଡା ବିଦ୍ୟାଳୟରେ ଗତ ୨୭ ତାରିଖଠାରୁ ୨ ଦିନ ଧରି ବନ୍ଦ ଥିବା ବିଦ୍ୟାଳୟ ବୁଧବାର ତାଲା ଖୋଲିଛି । ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି ସହ ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ଲିଖିତ ପ୍ରତିଶ୍ରୁତି ପାଇ ଗ୍ରାମବାସୀ ବିଦ୍ୟାଳୟରେ ପକାଇଥିବା ତାଲା ଖୋଲିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ତିଲୋତ୍ତମା ଗରଡା, ସିଆର୍‌ସିସି ରଘୁନାଥ ସାବତ, ବ୍ଲକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା ଏବଂ ସମସ୍ତ ଶିକ୍ଷକମାନେ ପୂର୍ବାହ୍ନ ସାଢେ ୧୦ଟାରେ ପହଞ୍ଚି ବିଦ୍ୟାଳୟର ସମସ୍ତ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶେଷରେ ବିଦ୍ୟାଳୟ ନିୟମିତ ଓ ସମୟାନୁସାରେ ଖୋଲିବ। ଉପସ୍ଥିତ ଛାତ୍ରୀଛାତ୍ରଙ୍କ ପାଠ ପଢା ହେବ। ପୂର୍ବପରି ଆଉ ଅବହେଳା ହେବନାହିଁ ବୋଲି ପ୍ରଧାନ ଶିକ୍ଷକ ଓ ୨ ଜଣ ସହ ଶିକ୍ଷକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକମାନଙ୍କ ଅବହେଳା ହେତୁ ଏଭଳି ସ୍ଥିତି ଉପୁଜି ଥିଲା। ଆଗାମୀ ଦିନରେ ଯଦି କୌଣସି ଅଭିଯୋଗ ହୁଏ ତେବେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ଗରଡା ତାଗିଦ କରିଥିଲେ। ଏସଏମସି ସଭାପତି ଶ୍ୟାମ ସୁନ୍ଦର ପାଙ୍ଗି, ସଦସ୍ୟ ଭାଗବାନ ସାନ୍ତା, କବିରାଜ ବାଘ, ଗ୍ରାମ ବାସୀ ଦିଲ୍ଲୀପ ଗୌଡ଼,ନରସିଂହ ଗଉଡ, ଦେବ ଗଉଡ, ଇମାନୁଏଲ ଭରସା, ବିନୋଦ ବାଘ ପ୍ରମୁଖ ଉପସ୍ଥିତିରେ ସଭାପତି ଶିକ୍ଷକମାନଙ୍କ ପ୍ରଦତ ଲିଖିତ ପ୍ରତିଶ୍ରୁତିପତ୍ର ଗ୍ରହଣ କରି ବିଇଓଙ୍କ ଉପସ୍ଥିତିରେ ଗ୍ରାମବାସୀ ତାଲା ଖୋଲଥିଲେ। ତାଲା ଖୋଲିବା ପରେ ବିଦ୍ୟାଳକୁ ଆସିଥିବା ଛାତ୍ରୀଛାତ୍ରଙ୍କ ପାଠପଢା ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ, ୨୭ ତାରିଖରେ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଆସିଥିଲେ ମଧ୍ୟ ସେଦିନ ଶିକ୍ଷକ ବହୁ ବିଳମ୍ବରେ ବିଦ୍ୟାଳୟ ଅସିଥିଲେ। ଏହି ଖବର ଜାଣିବା ପରେ ଅଭିଭାବକ ଓ ଗ୍ରାମବାସୀ ପହଞ୍ଚି ପିଲାଙ୍କୁ ନିଜ ଘରକୁ ପଠାଇଦେଇ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ପରେ ଶିକ୍ଷକ ବିଦ୍ୟାଳୟରେ ପହଞ୍ଚିଥିଲେ ମଧ୍ୟ ତାଲା ଖୋଲି ନ ଥିଲେ।

# କଡ଼ା ସୁରକ୍ଷାରେ ପରୀକ୍ଷା ଦେଲେ ଜିଲାର ୪୩୨୬ ଛାତ୍ରୀଛାତ୍ର

ମାଲକାନଗିରି/କୋରୁକୋଣ୍ଡା, ୧।୩(ଡି.ଏନ୍.ଏ.)

**ଯୁକ୍ତ ୨ ପରୀକ୍ଷା**

ସମଗ୍ର ରାଜ୍ୟରେ ବୁଧବାରଠାରୁ ଯୁକ୍ତ୨ ପରୀକ୍ଷା ଆରମ୍ଭ ହୋଇଛି। ମାଲକାନଗିରି ଜିଲାରେ ବିଭିନ୍ନ କେନ୍ଦ୍ରରେ ୪୩୨୬ ଜଣ ଛାତ୍ରୀଛାତ୍ର କଡା ସୁରକ୍ଷା ମଧ୍ୟରେ ପରୀକ୍ଷା ଦେଇଛନ୍ତି। ଜିଲାର ତିନୋଟି ହବ୍ ଯଥା ମାଲକାନଗିରି କଳା ଓ ବାଣିଜ୍ୟ ମହାବିଦ୍ୟାଳୟ, ଗୋବିନ୍ଦପାଲ୍ଲି ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଓ କାଲିମେଳା ଗୋପବନ୍ଧୁ ମହାବିଦ୍ୟାଳୟରେ ପ୍ରଶ୍ନପତ୍ର ସିଲ୍ ହୋଇ ପହଞ୍ଚିବା ପରେ ଏହି ସବୁ ସ୍ଥାନରୁ ନିକଟସ୍ଥ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଇଥିଲା। ମହାବିଦ୍ୟାଳୟ କର୍ତ୍ତୃପକ୍ଷ, ଅବଜରବରଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ପ୍ୟାକେଟ ଖୋଲାଯାଇ ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ସମୟରେ ବିତରଣ କରାଯାଇଥିଲା। ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ରରେ ଯେପରି କୌଣସି କପି ନ ହେବ ସେଥିପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା, ପୋଲିସ ଓ ମାଜଷ୍ଟ୍ରେଟ ଉପସ୍ଥିତ ଥିଲେ। କେନ୍ଦ୍ରଗୁଡିକ ତଦାରଖ ପାଇଁ ୪ଟି ସ୍କ୍ୱାଡ୍ ଗଠନ କରାଯାଇଛି। ସ୍କ୍ୱାଡ ଗୁଡିକ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ଛାତ୍ରୀଛାତ୍ର ଉପରେ ନଜର ରଖିଥିଲେ।

ବାଲିମେଳାରୁ ମିଳିଥିବା ଖବର ଅନୁଯାୟୀ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ବୁଧବାର ପ୍ରଥମ ଦିନରେ +୨ବିଜ୍ଞାନ ବିଭାଗର ମାତୃଭାଷା ପରୀକ୍ଷା ହୋଇଛି। ବିଜ୍ଞାନରେ ୧୩୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷା କେନ୍ଦ୍ରରେ ବାଣିଜ୍ୟରେ ୬୮ ଏବଂ କଳାରେ ୩୧୦ ଜଣ ଆଗାମୀ ଦିନରେ ପରୀକ୍ଷା ଦେବେ। ସେହିପରି ପୋଟେରୁ କଲେଜର ଯୁକ୍ତ ୨ ବିଜ୍ଞାନରେ ୪୩ ଜଣ ପରୀକ୍ଷା ଦେଇଛନ୍ତି। କଳାରେ ୧୦୮ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଧାର୍ଯ୍ୟ କରାଯାଇଥିବା ମହାବିଦ୍ୟାଳୟ ଅଧକ୍ଷ ଅମୂଲ୍ୟ ପ୍ରଧାନ କହିଛନ୍ତି। ପରୀକ୍ଷାକେନ୍ଦ୍ର ସୁପରିଟେଣ୍ଡେଣ୍ଟ ଭାବେ ଅଧ୍ୟାପକ ରବିନାରାୟଣ ପାତ୍ର, ଡେପୁଟି ସୁପରିଟେଣ୍ଡେଣ୍ଟ ରୂପେ ଅଧ୍ୟାପକ ଗୁପ୍ତେଶ୍ୱର ମହାନ୍ତି ଓ ଅଧ୍ୟାପକ ପୁରୁଷୋତ୍ତମ ସମରଥ ଦାୟିତ୍ୱରେ ଅଛନ୍ତି। ପରୀକ୍ଷା ସୁପରିଚାଳନା ଓ ଶାନ୍ତିଶୃଙ୍ଖଳା ପାଇଁ ସିସି ଟିଭି କ୍ୟାମେରା ଲାଗିଛି। ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରାଯାଇଛି।

## ତାମସା ମୁଖ୍ୟ କେନାଲ କାର୍ଯ୍ୟର ଭୂମିପୂଜା



କୋରୁକୋଣ୍ଡା, ୧।୩(ଡି.ଏନ୍.ଏ.): ବାଲିମେଳା ପୋଟେରୁ ଜଳ ସେଚନ ପ୍ରକଳ୍ପ ବିଭାଗର ୧୧୭କୋଟି ଟଙ୍କା ବିନିମୟରେ ତାମସା ମୁଖ୍ୟ କେନାଲ କାର୍ଯ୍ୟର ଭୂମିପୂଜା ହୋଇଛି। ୧୯୯୮ରେ ବାଲିମେଳା ପୋଟେରୁ ଜଳସେଚନ ବିଭାଗ ଦ୍ୱାରା ତାମସା ମାଟି କେନାଲ ନିର୍ମାଣ କରାଯାଇଥିଲା। ୯୬୧୫ ହେକ୍ଟର ଜମିକୁ ଜଳସେଚନ ନିମନ୍ତେ ଲକ୍ଷ୍ୟ ରଖାଯାଇଥିଲା। ପରବର୍ତ୍ତୀ ସମୟରେ କେନାଲରେ ବିଭିନ୍ନ ସମସ୍ୟା ଦେଖାଯାଇଥିଲା। ମାଟି ଧସିବା ଏବଂ ତଳ ମୁଣ୍ଡକୁ ଜଳ ଠିକ ଭାବରେ ନ ପହଞ୍ଚିବାରୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ଭୂମିପୂଜା କାର୍ଯ୍ୟରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଚନ୍ଦ୍ର ଶେଖର ମିଶ୍ର , ଓସିସିର ବରିଷ୍ଠ ପରିଚାଳକ ବାସୁଦେବ ଗୁଡ୍ଡୁ, ଅଧୀକ୍ଷଣ ଯନ୍ତ୍ରୀ ଅଭିରାମ ବେଉରିଆ, ଏସଡ଼ିଓ ଅଭିମନ୍ୟୁ ପ୍ରଧାନ ଉପସ୍ଥିତ ଥିଲେ।

# ୨ ପ୍ରକଳ୍ପ ଲୋକାର୍ପଣ କଲେ ବିଧାୟକ


ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ବିଧାୟକ ପିତମ ପାଢ଼ୀ।

ନନ୍ଦପୁର, ୧।୩(ଡି.ଏନ.ଏ.)

ନନ୍ଦପୁର ବ୍ଲକ ସଦର ମହକୁମାରେ ବୁଧବାର ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ ଦୁଇଟି ପ୍ରକଳ୍ପ ଉଦ୍‌ଘାଟନ କରି ଲୋକାର୍ପଣ କରିଛନ୍ତି। ନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଡିପିଇପି ପାଣ୍ଠିରୁ ୮୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଓ ବ୍ଲକ କାର୍ଯ୍ୟାଳୟ ପରିସରରେ ଏସ୍‌ଡିଏଫ୍ ପାଣ୍ଠିରୁ ୫୦ ଲକ୍ଷ ବ୍ୟୟରେ ନିର୍ମିତ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରିଛନ୍ତି। ଆୟୋଜିତ ଉତ୍ସବରେ ବିଡିଓ ସୁଜିତ ମିଶ୍ର, ବ୍ଲକ ଅଧକ୍ଷା ସାବିତ୍ରୀ କାର୍ଡୁଲ, ଜିଲା ପରିଷଦ ସଦସ୍ୟ ବିଳାସିନୀ ନାୟକ ଓ ନମନ୍ତି ଖିଲ, ଏଇଇ ଝାସକେତନ ବେହେରା, ଜିପିଓ ବେଦାନ୍ତ ମାଝୀ, ବ୍ଲକ ଶିକ୍ଷାଧିକାରୀ ଦଇତାରି ଦାସ, ଗୁରୁନାଥ ମାଝି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀ, ମିଶନ ଶକ୍ତି ବିପିସି ଶ୍ରୀଧର ଜାନି, ବିପିଏମ୍ ବିଚିତ୍ରାନନ୍ଦ ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏସ୍‌ଏଚ୍‌ଜିଠାରୁ ସାମଗ୍ରୀ ରଖିବାକୁ ସୁପରିଣ୍ଟେଣ୍ଡେଣ୍ଟ ନାରାଜ

ମାଲକାନଗିରି,୧।୩(ଡି.ଏନ.ଏ.)

ଅନିଶା ଛାତ୍ରୀ ହଷ୍ଟେଲକୁ ଖାଦ୍ୟ ଯୋଗାଇବା ପାଇଁ ଦାୟିତ୍ୱ ପାଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ବୁଧବାର ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଜିନିଷ ରଖିବାକୁ ମନା କରି ଦେଇଛନ୍ତି। ଏଥିସହ ତୁମେ ତମ ମାସିକ ଖର୍ଚ୍ଚ ନେଇଯାଅ, ଛାତ୍ରୀଙ୍କ ହଷ୍ଟେଲ ଦାୟିତ୍ୱ ମୁଁ ବୁଝିବି ବୋଲି କହିଛନ୍ତି। ଏହାକୁ ନେଇ ସମ୍ପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ମହିଳାମାନଙ୍କୁ ସଶକ୍ତୀକରଣ ସହ ସ୍ୱାବଲମ୍ବୀ କରିବା ଲାଗି ମିଶନ ଶକ୍ତି ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଗୋଷ୍ଠୀର ମହିଳାଙ୍କୁ ଶିକ୍ଷା ବିଭାଗର ବିଭିନ୍ନ ହଷ୍ଟେଲଗୁଡିକରେ ଖାଦ୍ୟ ସାମଗ୍ରୀ ସହ ନିତ୍ୟ ବ୍ୟବହୃତ ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦେଇଛନ୍ତି। ମାଲକାନଗିରି ସଦର ମହକୁମାରେ ଥିବା ୬୦୦ଶଯ୍ୟା ବିଶିଷ୍ଟ ଅନିଶା ହଷ୍ଟେଲ ଦାୟିତ୍ୱ ଅଞ୍ଜଳି ଏସ୍‌ଏଚଜି ପାଇଥିଲା। ନିୟମ ଅନୁଯାୟୀ ହଷ୍ଟେଲକୁ ଦେଢ଼ ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ନେଇ ବୁଧବର ଗୋଷ୍ଠୀର ମହିଳାସଦସ୍ୟାମାନେ ଯାଇଥିଲେ । ତେବେ ଛାତ୍ରୀ ନିବାସ ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ


ଛାତ୍ରୀନିବାସ ସମ୍ମୁଖରେ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ।

**ତଦନ୍ତ ଦାବି କରି ଧାରଣାରେ ବସିଲେ ସଦସ୍ୟା**

ମନ୍ଦାକିନୀ ପ୍ରଧାନ ଏସ୍‌ଏଚଜି ସଭାନେତ୍ରୀ ଅଞ୍ଜଳି ବିଶ୍ୱାସଙ୍କୁ ମାସିକ ଖର୍ଚ୍ଚ ନେଇଯାଅ, ଯାହା ସାମଗ୍ରୀ ହଷ୍ଟେଲରେ ବ୍ୟବହାର ହେବ ତାହା ମୁଁ ବୁଝିବି ବୋଲି କହିଥିଲେ। ଏହାକୁ ସଭାନେତ୍ରୀ ଅଞ୍ଜଳି ବିଶ୍ୱାସ ନ କରି ହଷ୍ଟେଲ ଭିତରକୁ ସାମଗ୍ରୀ ନେବାକୁ ଚାହିଁବାରୁ ସୁପରିଟେଣ୍ଡେଣ୍ଟ ମନ୍ଦାକିନୀ ହଷ୍ଟେଲରେ ସେସବୁ ରଖିବାକୁ ଦେଇ ନ ଥିଲେ। ଫଳରେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅଞ୍ଜଳି ଏସ୍‌ଏଚଜିର ସଭାନେତ୍ରୀଙ୍କ ସହ ଅନ୍ୟ ସଦସ୍ୟାମାନେ ହଷ୍ଟେଲ ଫାଟକ ସମ୍ମୁଖରେ ଆଣିଥିବା ସାମଗ୍ରୀ ଧରି ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଏ ନେଇ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ମନ୍ଦାକିନୀଙ୍କୁ ପଚାରିବାରୁ ସେ କହିଥିଲେ, ତାଙ୍କ ନାମରେ ହେଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। ସେ ଅନୁପସ୍ଥିତ ଥିବା ବେଳେ ଏସ୍‌ଏଚଜିର ମହିଳାମାନେ ଏହି ଜିନିଷ ଆଣିଥିଲେ। ତେବେ ସେ ଆସିବା ପରେ ସେମାନଙ୍କୁ ଡାକିବା ସତ୍ତ୍ୱେ କେହି ଆସି ନ ଥିଲେ ବୋଲି ମନ୍ଦାକିନୀ କହିଛନ୍ତି। ଅନ୍ୟପକ୍ଷରେ ଏସ୍‌ଏଚଜି ମହିଳାମାନେ ଘଟଣାର ତଦନ୍ତ ଜିଲା ପ୍ରଶାସନ କରିବାକୁ ଦାବି କରିଛନ୍ତି।

# ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି

ମାଲକାନଗିରି,୧।୩(ଡି.ଏନ.ଏ.)

ମାଲକାନଗିରି ଜିଲା ବିଜୁ ଜନତା ଦଳ ପକ୍ଷରୁ ଜିଲା ସଦର ମହକୁମାସ୍ଥିତ ସର୍କିଟ ହାଉସ ଠାରେ ବୁଧବାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ ଆସନ୍ତା ୫ରେ ବିଜୁ ବାବୁଙ୍କ ୧୦୭ ତମ ଜନ୍ମ ଦିବସ ପଡୁଛି। ଏହାକୁ ବିଜେଡି ସେବା ଦିବସ ରୂପେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ କିପରି ଜିଲାରେ ସଫଳତାର ସହ ପାଳନ କରାଯିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ବିଜେଡି ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଅଧ୍ୟକ୍ଷତା କରିଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା, ଏସ୍‌ଡିସି ଚେୟାରମ୍ୟାନ ଆଡମା ରାବା, ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ପରିଷଦ ଅଧକ୍ଷା ସାମାରି ଟାଙ୍ଗୁଲ, ପୌରାଧକ୍ଷ ମନୋଜ ବାରିକ, ପ୍ରଭାକର ପ୍ରଧାନଙ୍କ ସହ ଛାତ୍ର ଜନତା ଦଳ ସଭାପତି ତାପସ ରଞ୍ଜନ ନାୟକ, ଲକ୍ଷ୍ମୀପ୍ରିୟା ନାୟକ, ଯୁବ, ଛାତ୍ର, ମହିଳା ଜନତା ଦଳର ସମସ୍ତ ଜୋନ ସଭାପତି, ଜିଲା ପରିଷଦ ସଭ୍ୟାସଭ୍ୟ, ବ୍ଲକ ଅଧକ୍ଷା,ଉପାଧକ୍ଷା, ସମସ୍ତ କାଉନସିଲର ନଗର ବିଜେଡି କର୍ମକର୍ତ୍ତା, ଏମ୍‌ପି ପ୍ରତିନିଧି, ବିଧାୟକ ପ୍ରତିନିଧି ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ନେତା, କର୍ମକର୍ତ୍ତା।

# ଫାଟକରେ ତାଲା ପକାଇଲା ବିଦ୍ୟାଳୟ ପରିଚାଳନା କମିଟି

ପଟ୍ଟାଙ୍ଗି,୧।୩(ଡି.ଏନ.ଏ.)

**ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷୟିତ୍ରୀ ଶିକ୍ଷକ ଅଭାବ**

ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ନେଇ ସରକାର ଅନେକ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରୁଛନ୍ତି। ମାତ୍ର କେତେକ କ୍ଷେତ୍ରରେ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତିରେ ଅବହେଳା କରୁଛନ୍ତି। ଫଳରେ ବିଦ୍ୟାଳୟଗୁଡିକରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏନେଇ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏପରି ଏକ ଘଟଣା ବୁଧବାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ଲାଉଡି ଆବାସିକ ସେବାଶ୍ରମ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ବିଦ୍ୟାଳୟ ଫାଟକରେ ପରିଚାଳନା କମିଟି ସଦସ୍ୟମାନେ ତାଲା ପକାଇ ଦେଇଛନ୍ତି।

ଖବରରୁ ଜଣାପଡିଛି, ମଙ୍ଗଳ ବିଭାଗର ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୨୪୦ ଛାତ୍ର ରହିବା ଲାଗି ଛାତ୍ରାବାସ ଏବଂ ୬୦ ଛାତ୍ରୀ ରହିବା ପାଇଁ ଛାତ୍ରୀ ନିବାସ ରହିଛି। ବିଦ୍ୟାଳୟରେ ୩୬୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ମାତ୍ର ସେମାନଙ୍କ ପାଇଁ ୨ଜଣ ଶିକ୍ଷକ ରହିଛନ୍ତି। ଜଣେ ପ୍ରଧାନ ଶିକ୍ଷକ, ଅନ୍ୟ ଜଣେ ସହକାରୀ ଶିକ୍ଷକ ରହିଛନ୍ତି। ପ୍ରଧାନ ଶିକ୍ଷକ ଅନେକ ସମୟରେ ବିଦ୍ୟାଳୟର ବିଭିନ୍ନ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହିଥାନ୍ତି । ଫଳରେ ଜଣେ ଶିକ୍ଷକ ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା କଷ୍ଟକର ହୋଇଥାଏ। ଏହାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ବ୍ଲକ ମଙ୍ଗଳ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଶିକ୍ଷକ ନିଯୁକ୍ତି ଦେବାକୁ ବିଭାଗୀୟ ଅଧିକରୀ ପ୍ରତିଶ୍ରୁତି ଦେଇ ଏହା ପାଳନରେ ବିଫଳ ହୋଇଥିଲେ। ଏହାର ପ୍ରତିବାଦରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ଗୁଡିଙ୍କ ନେତୃତ୍ୱରେ ସଦସ୍ୟମାନେ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି। ଶିକ୍ଷକ ନିଯୁକ୍ତି ଦାବି ପୂରଣ ନ ହେବା ଯାଏ ଫାଟକରୁ ତାଲା ଖୋଲିବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି।


ବିଦ୍ୟାଳୟ ଫଟକରେ ତାଲା ପକାଇ ଧାରଣାରେ ବସିଥିବା ପରିଚାଳନା କମିଟି ସଦସ୍ୟମାନେ।

# ଦୋରା ସମ୍ପ୍ରଦାୟର ଧାରଣା ପ୍ରତ୍ୟାହୃତ

ପଟ୍ଟାଙ୍ଗି,୧।୩ (ଡି.ଏନ.ଏ.)

**ଉପଜିଲାପାଳଙ୍କ ସହ ଆଲୋଚନା ସଫଳ**
- ୧୪ରୁ ଧାରଣା ଦେଇଥିଲେ
- ଆସନ୍ତା ଶିକ୍ଷାବର୍ଷରୁ ସେମାନଙ୍କ ପିଲାଙ୍କ ପାଠପଢ଼ା ଦାବିକଲେ
- ଜଙ୍ଗଲ ଜମିପଟ୍ଟା ପାଇନୁ, ଦିଅ

ଆଦିବାସୀ ମାନ୍ୟତା ଦାବି ନେଇ ଦୋରା ସମ୍ପ୍ରଦାୟ ଦୀର୍ଘଦିନ ହେଲା ଆନ୍ଦୋଳନ ଚଳାଇ ଆସୁଛି। ନିକଟରେ ଗତ ୧୫ ଦିନରୁ ଊର୍ଦ୍ଧ୍ୱ ଦିନ ହେଲା ଏହି ସମ୍ପ୍ରଦାୟ ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲା। ଦାବିପୂରଣ ନ ହେଲେ ଆନ୍ଦୋଳନ ଜାରିରଖିବା ଲାଗି ଚେତାବନୀ ଦେଇଥିଲା। ଶେଷରେ ଉପଜିଲାପାଳ ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିବା ପରେ ବୁଧବାର ଦୋରା ସମ୍ପ୍ରଦାୟ ଧାରଣା ପ୍ରତ୍ୟାହୃତ କରିଛି। ଏହି ଅବସରରେ ସେମାନେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରିଥିଲେ।

ଖବରରୁ ଜଣାପଡ଼ିଛି, କୋରାପୁଟ ଜିଲା ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟ ପରିସରରେ ଗତ ମାସ ୧୪ ତାରିଖଠାରୁ ଆଦିବାସୀ ମାନ୍ୟତା ପ୍ରଦାନ ଦାବି ନେଇ ଦୋରା ସମ୍ପ୍ରଦାୟର ଲୋକେ ଧାରଣା ଦେଇଥିଲେ। ବୁଧବାର କୋରାପୁଟ ଉପଜିଲାପାଳ ବେଣୁଧର ଶବର ଧାରଣାସ୍ଥଳରେ ପହଞ୍ଚି ସମ୍ପ୍ରଦାୟର ଜିଲା ଆବାହକ ତାଡଡୁ ଦୋରା, ସଭାପତି ବୈଦ୍ୟନାଥ ଗେମେଲ, ସମ୍ପାଦକ ଶଙ୍କର ପାଙ୍ଗୀ ଏବଂ ରାଜ୍ୟ ସହ ସମ୍ପାଦକ ଟି.ଗୋପାଳ ରାଓଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଆଦିବାସୀ ମାନ୍ୟତା ପ୍ରଦାନରେ ତହସିଲଦାର କିମ୍ବା ଜିଲା ପ୍ରଶାସନର କୌଣସି ଭୂମିକା ନାହିଁ, ଯାହା କରିବେ ରାଜ୍ୟ ସରକାର ହିଁ କରିପାରିବେ ବୋଲି ଉପଜିଲାପାଳ ବୁଝାଇଥିଲେ। ଆପଣମାନଙ୍କ ଦାବି ସ୍ୱାଗତଯୋଗ୍ୟ। ଦାବିଗୁଡିକ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଇବୁ ବୋଲି ଶବର ପ୍ରତିଶ୍ରୁତି ଦେଇଥିଲେ। ପରେ ଦୋରା ସମ୍ପ୍ରଦାୟର ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟ ପକ୍ଷରେ ଆଲୋଚନା ବେଳେ ଆସନ୍ତା ଶିକ୍ଷାବର୍ଷରେ ଆମ ସମ୍ପ୍ରଦାୟର ପିଲାମାନେ ଯେପରି ଆଶ୍ରମ ବିଦ୍ୟାଳୟଗୁଡିକରେ ପାଠପଢ଼ା ସୁବିଧା ପାଇପାରିବେ ସେନେଇ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ। ଆମେ ବସବାସ କରୁଥିବା ଗ୍ରାମଗୁଡ଼ିକ ପାହାଡିଆ ଅଞ୍ଚଳରେ ହୋଇଥିବାରୁ ଆମର ଜୀବିକା ଜଙ୍ଗଲ ଜମି ଉପରେ ନିର୍ଭର କରିଥାଏ। ଏପରି ସ୍ଥିତିରେ ଏଯାଏ ଆମେ ଜଙ୍ଗଲ ଜମି ପଟ୍ଟା ପାଇନାହୁଁ। ଫଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗରୁ ଆମେ ବଞ୍ଚିତ ହେଉଛୁ। ଆମକୁ ଜଙ୍ଗଲ ଜମିପଟ୍ଟା ଦେଇ ବିଭିନ୍ନ ଯୋଜନାରେ ସାମିଲ କରିବାକୁ ପ୍ରକାଶ କରିଥିଲେ। ଉପଜିଲାପାଳ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ଦାବି ପୂରଣ ନେଇ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆମେ ରାଜରାସ୍ତାକୁ ଓହ୍ଲାଇବୁ। ଆନ୍ଦୋଳନ କରି ରାଜପଥ ଅବରୋଧ କରିବୁ । ଏଥିପାଇଁ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ଦୋରା ମହାସଂଘ ଚେତାବନୀ ଦେଇଛି ।


ଦୋରା ସମ୍ପ୍ରଦାୟର ନେତୃବୃନ୍ଦ ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

## ସଂକ୍ଷେପରେ

### ଜିଲାର ୫ ହାଇସ୍କୁଲ ଯୁକ୍ତ ୨ ଅପଗ୍ରେଡ଼େସନରେ ସାମିଲ

ରାୟଗଡ଼ା,୧।୩(ସ୍ୱ.ପ୍ର.)- ରାୟଗଡ଼ା ଜିଲାର ୫ ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ-୨ ପର୍ଯ୍ୟନ୍ତ ଅପଗ୍ରେଡ୍ କରିବା ନେଇ ବିଧାନସଭାରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲିଙ୍କ ପ୍ରଶ୍ନରେ ମନ୍ତ୍ରୀ ସମୀର ଦାସ ଉତ୍ତର ରଖିଛନ୍ତି। ଷମକଟକ ବ୍ଲକ ଦୁର୍ଗୀସ୍ଥିତ ପି.ଏସ. ହାଇସ୍କୁଲ, ରାମନାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ, କୋଲନରା ଜଗଦମ୍ବା ହାଇସ୍କୁଲ ଏବଂ କାଶୀପୁରସ୍ଥିତ ଟିକିରି ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରି ଯୁକ୍ତ ୨ କଳା ବିଭାଗରେ ସାମିଲ କରାଯିବାକୁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ଚନ୍ଦ୍ରପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ କରି ବିଜ୍ଞାନ ବିଭାଗରେ ସାମିଲ କରାଯାଇଥିବା ସୂଚନା ମିଳିଛି।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମୁନିଗୁଡ଼ା,୧।୩(ଡି.ଏନ୍.ଏ.)-ମୁନିଗୁଡା ବ୍ଲକ ଅନ୍ତର୍ଗତ ଭାଲିଆପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସାମନ୍ତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦାୟୀ ଶିକ୍ଷକଙ୍କ କାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋଚନା ହୋଇଥିଲା। ସିଆର୍‌ସି ମନୋରଞ୍ଜନ ସ୍ୱାଇଁ, ସହକାରୀ ଶିକ୍ଷୟିତ୍ରୀ ମିନାକ୍ଷୀ ମହାରଥୀ, ବିଦ୍ୟାଳୟ କମିଟି ସଭାପତିଙ୍କ ସମେତ ଗ୍ରାମର ଭଦ୍ରବ୍ୟକ୍ତି ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେତ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର, ଉପଢୌକନ ଓ ଉତ୍ତରୀୟ ଆଦି ବିଦ୍ୟାଳୟ ତରଫରୁ ପ୍ରଦାନ କରାଯାଇଥିଲା।

### ଓକିଲ ସଂଘ ନିର୍ବାଚନ ନେଇ ବିଜ୍ଞପ୍ତି

ଗୁଣପୁର,୧।୩(ଡି.ଏନ.ଏ)- ରାୟଗଡା ଜିଲା ଗୁଣପୁର ଓକିଲ ସଂଘର ବିଭିନ୍ନ ପଦବୀ ଲାଗି ନିର୍ବାଚନ ନିମନ୍ତେ ଓକିଲ ସଂଘର ପକ୍ଷରୁ ନିଯୁକ୍ତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ଅକ୍ଷୟ ଶତପଥୀ ବୁଧବାର ବିଜ୍ଞପ୍ତି ପ୍ରକାଶ କରଛନ୍ତି। ନିର୍ବାଚନ କାର୍ଯ୍ୟସୂଚି ମୁତାବକ ଆସନ୍ତା ୪ ତାରିଖରୁ ୬ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ, ୯ରେ ପ୍ରାର୍ଥୀଙ୍କ ନାମ ତାଲିକା ପ୍ରକାଶ ପାଇବ। ୧୦ ତାରିଖରେ ପ୍ରାର୍ଥି ପତ୍ର ଯାଞ୍ଚ ହେବ। ଯାଞ୍ଚ ପରେ ବିଭିନ୍ନ ପଦ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ତାଲିକା ୧୧ତାରିଖରେ ପ୍ରକାଶ ପାଇବ। ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ୧୩ରେ ଚୁଡନ୍ତେ ତାଲିକା ପ୍ରକାଶ ପାଇବ। ୨୫ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହେବ। ଏହାପରେ ଗଣତି ଏବଂ ଫଳାଫଳ ଘୋଷଣା ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ୧୦ ଯାଏ ବଢ଼ିଲା ବସ୍ତି ଖାଲି କରିବା ଅବଧି

**ଜିଲା ପ୍ରଶାସନ ହସ୍ତକ୍ଷେପ ପରେ ରାଜି ହେଲା ରେଳ ବିଭାଗ**

ରାୟଗଡ଼ା,୧।୩(ସ୍ୱ.ପ୍ର.)

ରାୟଗଡ଼ା ରେଳ ଡିଭିଜନ ଓ ବିଜୟନଗର-ଟିଟିଲାଗଡ଼ ତୃତୀୟ ରେଳ ଧାରଣା ନିର୍ମାଣ ପାଇଁ ରେଳ ବିଭାଗ ପକ୍ଷରୁ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଫଳସ୍ୱରୂପ ରେଳ ବିଭାଗର ବିଭିନ୍ନ ଜାଗାରେ ବେଆଇନ ଭାବେ ଗଢ଼ି ଉଠିଥିବା ବସ୍ତିଗୁଡିକୁ ଉଚ୍ଛେଦ ପାଇଁ ରେଳ ବିଭାଗ ତତ୍ପରତା ଦେଖାଇଛି । ରାୟଗଡ଼ା ସହର ମଧ୍ୟରେ ଥିବା ରୟତ କଲୋନୀ ନିକଟ କୋଇଲାପଡ଼ା, ଭୀମାସାହି, ବନବିଭାଗ କାର୍ଯ୍ୟାଳୟ, କୋରାପୁଟ ଛକ ନିକଟସ୍ଥ ରେଲୱେ ଜମିରେ ଗଢ଼ି ଉଠିଥିବା ବସ୍ତି ଓ ଡେଲି ମାର୍କେଟ ଭିତରେ ଥିବା ବସ୍ତିଗୁଡ଼ିକ ଉଚ୍ଛେଦ କରାଯିବ । ବିଶାଖାପାଟଣା ଡିଭିଜନ କାର୍ଯ୍ୟାଳୟ ପକ୍ଷରୁ ବସ୍ତି ଖାଲି କରିବା ପାଇଁ ଫେବୃୟାରୀ ୨୮ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ଯଦି ଏହି ସମୟସୀମା ଭିତରେ ବସ୍ତି ଖାଲି ନ କରନ୍ତି ମାର୍ଚ୍ଚ ୧ରୁ ବସ୍ତି ଉଚ୍ଛେଦ କରାଯିବ ବୋଲି ରେଲୱେ ଡିଭିଜନ ପକ୍ଷରୁ ଦିଆଯାଇଥିବା ନୋଟିସରେ ଉଲ୍ଲେଖ କରାଯାଇଥିଲା । ତେବେ ଜିଲା ପ୍ରଶାସନ ପକ୍ଷରୁ ଏନେଇ ଡିଭିଜନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ବସ୍ତି ଖାଲି କରିବାକୁ ଅନୁମତି ମିଳିଛି। ଫଳରେ ଉକ୍ତ ବସ୍ତିବାସିନ୍ଦା ବୁଧବାରଠାରୁ ସ୍ୱତଃପ୍ରବୃତ୍ତ ଭାବେ ବସ୍ତି ଖାଲି କରିବା ଆରମ୍ଭ କରିଛନ୍ତି।



ବସ୍ତି ବାସିନ୍ଦା ଘର ଖାଲି କରୁଛନ୍ତି ।

ସୂଚନାଯୋଗ୍ୟ, ରାୟଗଡ଼ା ରେଳ ଡିଭିଜନ ଘୋଷଣାର ୪ବର୍ଷ ପରେ ବି କାର୍ଯ୍ୟ ମନ୍ଥର ଗତିରେ ଚାଲିଥିଲା । ରେଳ ବିଭାଗ ଜମିଗୁଡ଼ିକରେ ବେଆଇନ ବସ୍ତି ଗଢ଼ିଉଠିଥିବାରୁ କାର୍ଯ୍ୟ ଆଗେଇ ପାରୁ ନ ଥିଲା। ଉକ୍ତ ବସ୍ତିଗୁଡ଼ିକରେ ପଞ୍ଚାୟତିରାଜ ବିଭାଗ ଓ ପୌର ପରିଷଦ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିଲା । ଏପରିକି ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ସେଠାରେ ବସବାସ କରିବା ପାଇଁ ବସ୍ତିବାସିନ୍ଦାଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ରେଳ ଡିଭିଜନ କାର୍ଯ୍ୟ ପାଇଁ ବିଭାଗର ଜମିରେ ଗଢ଼ି ଉଠିଥିବା ବସ୍ତିଗୁଡ଼କୁ ଖାଲି କରାଯାଉଛି । ବସ୍ତିବାସିନ୍ଦା ତଥା ଦିନ ମଜୁରିଆମାନଙ୍କୁ ସହର ଠାରୁ ଦୂରରେ ପଞ୍ଚାୟତ ଅଧିନରେ ଜାଗା ଦିଆଯାଉଥିବାରୁ ସେମାନେ ଆଗକୁ କାମ କରିବା ପାଇଁ ଅସୁବିଧା ଭୋଗିବା ଆଶଙ୍କାରେ ରହିଛନ୍ତି।

# କୋଲନରାରେ ମଝିଘରିଆଣୀଙ୍କ ମନ୍ଦିର ପ୍ରତିଷ୍ଠା



ମା' ମଝିଘରିଆଣୀ।

କୋଲନରା,୧।୩(ଡି.ଏନ.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ ମହକୁମାରେ ମା' ମଝିଘରିଆଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ଫେବୃୟାରୀ ୨୫ତାରିଖରେ ଦୀକ୍ଷା ଅଙ୍କୁରାରୋପଣ ଓ ଭୂମି ସଂସ୍କାର, ୨୬ରେ କଳସ ଯାତ୍ରା, ମଙ୍ଗଳା ନ୍ୟାସ, ଶାଳା ପୂଜନ କରାଯାଇଥିଲା । ଏହାପରେ ବିଗ୍ରହ ପୂଜା, ମହାସ୍ନାନ କୁଣ୍ଡିକା ପୂଜନ ହୋଇଥିଲା । ବୁଧବାର ପ୍ରାତଃରୁ ପଣ୍ଡିତ ଅନନ୍ତ ଚରଣ ରଥ ଓ ଆଚାର୍ଯ୍ୟଙ୍କ ମନ୍ତ୍ରପାଠ ଓ ସଂକୀର୍ତ୍ତନ ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ମଧୁସୂଦନ ପାଢୀ ଓ ସ୍ତ୍ରୀ ସଂଯୁକ୍ତା, ଇପିଲି ରାମିନାଇଡୁ, ସ୍ତ୍ରୀ ଇପିଲି କାଳିକି ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପ୍ରଥମେ ନବଗ୍ରହ ସ୍ଥାପନ, ପାର୍ଶ୍ୱ ଦେବତା ପ୍ରତିଷ୍ଠା କରାଯାଇଥିଲା। ମନ୍ଦିର କାରିଗରଙ୍କୁ ସମ୍ବର୍ଦ୍ଧନା ପରେ ଯଜ୍ଞ ବେଦୀରୁ ମା' ମଝିଘରିଆଣୀଙ୍କୁ ଆଣି ମନ୍ଦିର ପ୍ରବେଶ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ଦାସରଥୀ ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ପାତ୍ର, ଧବଳେଶ୍ୱର ନାଇଡୁ, ରାମଚନ୍ଦ୍ର ଦୋରା, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ଦୋରା, ରଶ୍ମୀରଞ୍ଜନ ଦୋରା, ମୋହନ ମହାଙ୍କୁଡ, ଦୀପସ ସାହୁ, ଇପିଲି ଚନ୍ଦ୍ରଶେଖର ରାଓଙ୍କ ପରିଚାଳନାରେ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ଗୁଣପୁରକୁ ଜିଲା ମାନ୍ୟତା ଦାବି**

ଗୁଣପୁର,୧।୩(ଡି.ଏନ.ଏ)

ରାୟଗଡା ଜିଲାର ଗୁଣପୁର ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ପ୍ରଦାନ କରାଯାଇଛି। ଗୁଣପୁରକୁ ନୂଆ ଜିଲା ଦାବି ନେଇ ୧୯୯୩ରେ ଆନ୍ଦୋଳନ ହୋଇଥିଲା। ସେ ସମୟରେ ଯଦି ୩୧ତମ ଜିଲା ହୁଏ ତେବେ ତାହା ଗୁଣପୁର ହେବ ବୋଲି କୁହାଯାଇଥିଲା। ବର୍ତ୍ତମାନ ରାଜ୍ୟ ସରକାରଙ୍କ ନିକଟରେ ଆଉ ୫ଟି ଜିଲା ଗଠନ ନେଇ ବିଚାର ତଥା ଦାବି ରହିଥିବା ବିଭାଗୀୟ ମନ୍ତ୍ରୀ ବିଧାନ ସଭାରେ କହିଛନ୍ତି। ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ମୁତାବକ ଗୁଣପୁରକୁ ମଧ୍ୟ ଜିଲା ଘୋଷଣା କରାଯିବାକୁ ଦାବି କରାଯାଇଛି। ଏଥିସହ ବିଷମକଟକକୁ ଉପଖଣ୍ଡ ଏବଂ ମୁନିଗୁଡା ଓ ପଦ୍ମପୁରକୁ ଏନ୍‌ଏସି ଘୋଷଣା କରାଯାଉ ବୋଲି ମଧ୍ୟ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ରଘୁ ପାତ୍ର, ଗଙ୍ଗା ଚାଲଣ, ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ ଗମାଙ୍ଗ, ସମାଜସେବୀ ଅକ୍ଷୟ ଦାସ,ମିଲି ପାଢୀ,ଅନିଲ ସାହୁକାର,ପୂର୍ବତନ କାଉନସିଲର ମୁନା ପାଣି, ବିଜେଡି ଜିଲା ଯୁବ ସଭାପତି ପିଙ୍କୁ ପଣ୍ଡା,ନଗର ସଭାପତି ରାମଚନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗୁଣପୁର ଜନସାଧାରଣ।

## ଆଦିବାସୀ ମେଳାରେ ଲାଞ୍ଜିଆ ସୌରା କୁଟିର ପ୍ରଥମ

ଗୁଣପୁର,୧।୩(ଡି.ଏନ.ଏ)

ଭୁବନେଶ୍ୱରଠାରେ ହୋଇଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳାରେ ଗୁଣପୁର ଆଇଟିଡିଏ ପକ୍ଷରୁ ପୁଟାସିଂ ଅଞ୍ଚଳରେ ବସବାସ କରୁଥିବା ଆଦିମ ଅଧିବାସୀ ଜନଜାତି ଲାଞ୍ଜିଆ ସୌରାଙ୍କ କୁଟିର ପ୍ରଦର୍ଶିତ ହୋଇଥିଲା। ଏହି କୁଟିର ରାଜ୍ୟରେ ପ୍ରଥମ ହୋଇଛି'। ବୁଧବାର ମେଳା ଉଦ୍‌ଯାପନୀରେ ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁଣପୁର ଆଇଟିଡିଏକୁ ପୁରସ୍କାର ପ୍ରଦାନ କରିଥିଲେ। ଗୁଣପୁର ଓଟିଇଏଲପିର ପ୍ରକଳ୍ପ ଅଧିକାରୀ ଜୟକୃଷ୍ଣ ବରାଳ ମନ୍ତ୍ରୀ ସାରକାଙ୍କ ଠାରୁ ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ବିଭାଗୀୟ ସଚିବ ରୁପା ରୋସନ ସାହୁ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ଅଧିକାରିମାନେ ଉପସ୍ଥିତ ରହିଥିଲେ।

# ରାତ୍ରକାଳୀନ ସେବାରୁ ବଞ୍ଚିତ ରୋଗୀ, ଗର୍ଭବତୀ

**ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

ଟିକିରି,୧।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରାତ୍ରକାଳୀନ ସେବା ମିଳୁନାହିଁ। ସନ୍ଧ୍ୟା ୬ଟାରୁ ମେଡିକାଲ ଗେଟ୍‌ରେ ତାଲା ଝୁଲୁଥିବାରୁ ରୋଗୀ ଓ ଗର୍ଭବତୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।




ଗତ ସୋମବାର ଜଣେ ମହିଳା ପ୍ରସବ ଯନ୍ତ୍ରଣା ପାଇବାରୁ ରାତି ପ୍ରାୟ ୮ଟାରେ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ହେଲେ ସେଠାରେ ସନ୍ଧ୍ୟାରୁ ତାଲା ଝୁଲୁଥିବା ଦେଖାଯାଇଥିଲା। ତେଣୁ ଯନ୍ତ୍ରଣାରେ ଛଟପଟ ଗର୍ଭବତୀଙ୍କୁ ଆମ୍ବୁଲାନ୍ସରେ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପଡ଼ିଥିଲା। ସେହିପରି ଆଉ ଜଣେ ଗର୍ଭବତୀ ରାତି ପ୍ରାୟ ୨ଟାରେ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଫେରି ଯାଇଥିବା ଜଣାପଡିଛି। ଏଠାର ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନ ରହି ଅନ୍ୟ ଏକ ଜାଗାରେ ଘରଭଡ଼ା ନେଇ ରହୁଛନ୍ତି। ଫଳରେ ରାତିରେ ଯେଉଁସବୁ ରୋଗୀ ଆସନ୍ତି, ଡାକ୍ତର ନ ଥିବା କାରଣରୁ ତାଙ୍କୁ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ସମ୍ପର୍କୀୟମାନେ ଅସୁବିଧା ଭୋଗୁଛନ୍ତି । ଏଭଳି ନାନା ଅବ୍ୟବସ୍ଥା ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପରିତାପର ବିଷୟ ହୋଇଛି।

# ଦକ୍ଷତା ଉପଯୋଗ କରି ବେକାରି ଦୂର କରିବା ଲକ୍ଷ୍ୟ

ରାୟଗଡା ଅଫିସ,୧।୩

ରାୟଗଡା ଜିଲା କୋଲନରା ବ୍ଲକରେ ନେହେରୁ ଯୁବ କେନ୍ଦ୍ର ତରଫରୁ ମିଟ୍‌ସ୍ ଇଞ୍ଜିନିୟରିଂ ମହାବିଦ୍ୟାଳୟ ସହାୟତାରେ ଲୋକାଲ ଥିମବେସ୍ ଏବଂ ଏମ୍‌ଏସ୍‌ଏମ୍‌ଇ ଦକ୍ଷତା ବିକାଶ (ସ୍କିଲ ଡେଭଲପମେଣ୍ଟ) କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏମ. କେ. ରତ୍ନମ ଯୋଗଦେଇ ଏମଏସଏମଇ ତରଫରୁ ବିଭିନ୍ନ ଯୋଜନା ମାଧ୍ୟମରେ ଆତ୍ମନିର୍ଭର ହୋଇ କିପରି ଅନ୍ୟକୁ ସ୍ୱାବଲମ୍ବୀ କରାଇ ପାରିବେ ତାହା ଉପରେ ମାର୍ଗଦର୍ଶନ କରିଥିଲେ। ଜିଲା ନିଯୋଜନ ଅଧିକାରୀ ତତ୍ତ୍ୱମସୀ ମିଶ୍ର, ଓରମାସ ଡେପୁଟି ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କୁମାର ପାତ୍ର, ଓରମାସ ଜିଲା କନସୋଲଣ୍ଟାଣ୍ଟ ଆଶିଷ କୁମାର ମିଶ୍ର, ମିଟ୍‌ସ ମହାବିଦ୍ୟାଳୟ ଅଧ୍ୟକ୍ଷ ରାମାନୁଜ ନାୟକ, ନେହେରୁ ଯୁବ କେନ୍ଦ୍ରର ଲକ୍ଷ୍ମୀ ନାରାୟଣ ସେଠି ପ୍ରମୁଖ ଯୋଗ ଦେଇ ଜିଲା ଏମ ଏସଏମଇର ବିଭିନ୍ନ ଯୋଜନା ଏବଂ ଦକ୍ଷତା ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ରାୟଗଡା ଜିଲାର ବିଭିନ ପ୍ରାନ୍ତରୁ ଯୁବତୀ ଆସି ଯୋଗ ଦେଇଥିଲେ।




ମଞ୍ଚାସୀନ ଅତିଥି ।

## ଯୁବକଙ୍କ ଆତ୍ମହତ୍ୟା

ଚନ୍ଦାହାଣ୍ଡି,୧।୩(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମାଲଗାଁ ପଞ୍ଚାୟତ ଭେଣ୍ଡିଆ ଗ୍ରାମର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୁରେନ୍ଦ୍ର ସୁନାନୀ (୩୨)। ଘର ଅଶାନ୍ତିକୁ ନେଇ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଚନ୍ଦାହାଣ୍ଡି ଥାନାରେ ଜଣାଇଥିବା ଥାନା ଆଇ ଆଇସି ଉମେଶ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି । ନଂ.୪/୨୩ ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଦିଆଯାଇଛି। ଏଏସଆଇ ବସନ୍ତ କୁମାର ସ୍ୱାଇଁ ଏହାର ତଦନ୍ତ କରୁଛନ୍ତି।

## ନିଳାଗୁଡା ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର, ୧।୩ (ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ବୁଧବାର ଅବକାରୀ ବିଭାଗ ଚଢାଉ କରି ମଦ ବ୍ୟବସାୟୀମାନେ ଲୁଚାଇ ରଖିଥିବା ଦେଶୀ ମଦ ଓ ପୋଚ ନଷ୍ଟ କରିଛି। କର୍ମଚାରୀମାନେ ବହୁ ମଦ ଭାଟି ଭାଙ୍ଗିବା ସହ ୧୧ ଶହ ଲିଟର ପୋଚ ୬୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିଲେ। ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ ଜବତ ହୋଇଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି ।

# ଉତ୍କଳ ଆଲୁମିନା ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ

ଟିକିରି,୧।୩(ଡି.ଏନ.ଏ)

ଗ୍ରାମାଞ୍ଚଳ କ୍ରୀଡା ଓ ସଂସ୍କୃତିର ବିକାଶ ସାଧନ ଏବଂ ଏହି ଅଞ୍ଚଳର ସ୍ଥାନୀୟ କ୍ରୀଡା ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ସକାଶେ ଉତ୍କଳ ଆଲୁମିନା ପକ୍ଷରୁ ବ୍ଲକସ୍ତରୀୟ ଗ୍ରାମାଞ୍ଚଳ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଯୋଗିପରିଡୁଣ୍ଡା ଯୋଗୀ ସନ୍ନ୍ୟାସୀ ଯୁବକ ସଂଘ ସହଯୋଗରେ ଗ୍ରାମରେ ଗତ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ହୋଇଥିବା ଏହି ଟୁର୍ନାମେଣ୍ଟରେ କାଶୀପୁର ବ୍ଲକର ଖଣି ପାରିପାର୍ଶ୍ୱିକ ଅଞ୍ଚଳର ଗ୍ରାମଗୁଡିକରୁ ମୋଟ ୧୬ଟି ଟିମ ଏଥିରେ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟକୁ ଶେକ ଆଲିନୁର, ଜିଲା କ୍ରୀଡା ଅଧିକାରୀ ଏବଂ ଡଃ.ଲୋପାମୁଦ୍ରା ପ୍ରିୟଦର୍ଶିନୀ, ହେଡ ସିଏସ୍ଆର୍, ସିଆର ଆଣ୍ଡ ସଷ୍ଟେନେବିଲିଟି, ଲ୍ୟାଣ୍ଡ ଆଣ୍ଡ ଆର୍ ଆଣ୍ଡ ଆର୍ ମିଳିତ ଭାବେ ଉତ୍କଳ ଆଲୁମିନାର ସିଏସ୍ଆର୍ ଅଧିକାରୀମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ।

ଫାଇନାଲ ମ୍ୟାଚ କୋଡିପାରି ଏବଂ ଅଣ୍ଡିରାକଞ୍ଚ ଟିମ ମଧ୍ୟରେ ହୋଇଥିବା ବେଳେ କୋଡିପାରି ଟିମ୍ ଚମ୍ପିଆନ ଓ ଅଣ୍ଡିରାକଞ୍ଚ ଟିମ୍ ରନର୍ସ ଅପ ହୋଇଥିଲା। ଉଦ୍‌ଯାପନୀରେ ଅତିଥି ଭାବେ ଦୟାନିଧି ବାଘ, ପିଡି ୱାଟରସେଡ, ପବନ ସିଂ, ଜିଏମ ସିକ୍ୟୁରିଟି ଏବଂ ଡଃ. ଲୋପାମୁଦ୍ରା ପ୍ରିୟଦର୍ଶିନୀ, ହେଡ-ସିଏସଆର, ସିଆର ଆଣ୍ଡ ସଷ୍ଟେନେବିଲିଟି ଉତ୍ସବରେ ଯୋଗଦେଇ କ୍ରୀଡା ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ପ୍ରଦର୍ଶନ ନିମନ୍ତେ ସେମାନଙ୍କୁ ପୁରସ୍କୃତ କରିଥିଲେ।




ଅତିଥିଙ୍କ ସହ ଖେଳାଳିମାନେ ।

# ନବୀକରଣ ନାଁରେ ନଷ୍ଟ ହେଉଛି ଐତିହ୍ୟ

**କୋରାପୁଟର ବିଷ୍ଣୁ, ଜୈନ ମନ୍ଦିର**

- ସର୍ଭେ ବେଳେ ଇନ୍‌ଟାକ୍ ଟିମ୍ ନଜରରେ ପଡ଼ିଲା
- ନୂତନ ଢାଞ୍ଚା ପାଇଁ ପୁରାତନ ଶୈଳୀକୁ ଭାଙ୍ଗିଦିଆଯାଉଛି

ଭୁବନେଶ୍ୱର,୧।୩(ବ୍ୟୁରୋ):

କୋରାପୁଟର ପ୍ରାଚୀନ ସମୟର ଦୁଇଟି କଳିଙ୍ଗନ ମନ୍ଦିର ନବୀକରଣ ନାଁରେ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୪୫ କିଲୋମିଟର ଦୂରରେ ଥିବା କୁନ୍ଦୁରା ବ୍ଲକର ଗୋରହାଣ୍ଡିର ବିଷ୍ଣୁ ମନ୍ଦିର ଏବଂ ଫୁଫୁଗାଁରେ ଥିବା ଜୈନ ମନ୍ଦିରକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ନବୀକରଣ କରିବା ନାମରେ ନଷ୍ଟ କରିଦିଆଯାଇଥିବା ଗବେଷଣା ସଂସ୍ଥା ଇନ୍‌ଟାକ୍ ଓଡ଼ିଶା ଟିମ୍ ପକ୍ଷରୁ ଏକ ସର୍ଭେରୁ ଜଣାପଡ଼ିଛି। ବିଷ୍ଣୁ ମନ୍ଦିରଟି ପ୍ରାୟତଃ ଷଷ୍ଠ ଶତାବ୍ଦୀ ସମୟର ହୋଇଥିବା ବେଳେ ସେହି ସମୟରେ ଅଞ୍ଚଳରେ ନାଳା ରାଜବଂଶଙ୍କ ଶାସନ ଚାଲିଥିଲା। ଏହା ପୁଷ୍କର ନାଳା ଦ୍ୱାରା ନିର୍ମିତ ହୋଇଥିବାର ଇନ୍‌ଟାକ ପକ୍ଷରୁ କୁହାଯାଇଛି। ସେହି ସମୟରେ ଏହା ଏକ ରେଖା ଭିମାନ ସହିତ ପ୍ରାରମ୍ଭିକ କଳିଙ୍ଗନ କ୍ରମର ଛୋଟ ମନ୍ଦିର ଥିଲା।

ଇନ୍‌ଟାକର ପ୍ରକଳ୍ପ ସଂଯୋଜକ ତଥା ବିଶିଷ୍ଟ ଐତିହାସିକ ଅନିଲ ଧୀରଙ୍କ ସମେତ ଗବେଷକ ଦୀପକ କୁମାର ନାୟକ, ବିକ୍ରମ ନାୟକ, କୋରାପୁଟର ସଦସ୍ୟ ସଞ୍ଜୀବ ହୋତା, ଏବଂ ଅଜିତ ପାତ୍ରଙ୍କୁ ନେଇ ଗଠିତ ଏକ ଟିମ୍ ନିକଟରେ କୋରାପୁଟରେ ଏକ ଐତିହ୍ୟ ସର୍ଭେ କରିବା ସମୟରେ ଏହା ନଜରକୁ ଆସିଥିଲା। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ୨ମନ୍ଦିରକୁ ସଂରକ୍ଷଣ କରାଯାଇ ମରାମତି ସହ ପୁନରୁଦ୍ଧାର କରାଯାଉଛି। ହେଲେ ଉକ୍ତ ପୁରାତନ ବିଷ୍ଣୁ ମନ୍ଦିରଟି ନଷ୍ଟ ହୋଇଯାଇଥିବା ବେଳେ ନୂତନ ଢାଞ୍ଚାରେ କରିବା ପାଇଁ ପ୍ରାଚୀନ ଗଠନ ଶୈଳକୁ ଭାଙ୍ଗି ଦିଆଯାଇଛି। ପୂର୍ବ ମନ୍ଦିରର ସମସ୍ତ ଖୋଦେଇ ଓ ଅଳଙ୍କାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଯାହାସବୁ ନୂତନ ଶୈଳୀରେ ମନ୍ଦିର ଗଠନ କରାଯାଉଛି, ତାହା ପୂର୍ବ ମନ୍ଦିର ସହିତ କୌଣସି ସମାନତା ରହୁ ନ ଥିଲା। ଏପରିକି ପୁରାତନ ଚତୁର୍ଭୁଜ ବିଷ୍ଣୁ ପ୍ରତିମୂର୍ତ୍ତିକୁ ପୁରାତନ ମନ୍ଦିରରୁ ହଟାଇ ଅବହେଳିତ ଭାବେ ଖୋଲା ସ୍ଥାନରେ ରଖାଯାଇଥିଲା। କେବଳ ଦୁଇଟି ଖୋଦିତ କବାଟ ବ୍ୟତୀତ ଅନ୍ୟ ସାଜସଜ୍ଜା ମୂର୍ତ୍ତି ନଷ୍ଟ ହୋଇଯାଇଛି। ସେହିପରି ବିଶିଷ୍ଟ ଗଜଲକ୍ଷ୍ମୀ ମୂର୍ତ୍ତି ସହିତ କବାଟ ଦ୍ୱାର ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଏଥିସହ କିଛି ପ୍ରାଚୀନ ପଥରଗୁଡ଼ିକୁ ସ୍ଥାନୀୟ ଲୋକ ନେଇଯାଇଥିବା ଜଣାପଡ଼ିଥିଲା। ସେହିଭଳି ବିଷ୍ଣୁ ମନ୍ଦିରଠାରୁ ମାତ୍ର ୩ କି.ମି. ଦୂରରେ ଥିବା ଫୁଫୁଗାଁର ଜୈନ ମନ୍ଦିରରେ ମଧ୍ୟ ଅଧା ମରାମତି ହୋଇଛି। ଏହି ମନ୍ଦିର ମଧ୍ୟ ଏକ ପ୍ରାରମ୍ଭିକ କଳିଙ୍ଗନ ସମୟର, ଯାହାକି ଷଷ୍ଠ-ସପ୍ତମ ଶତାବ୍ଦୀରେ ନିର୍ମିତ ହୋଇଥାଇପାରେ। ଏଠାରେ ମଧ୍ୟ ମୂଳ ଗଠନକୁ ଭାଙ୍ଗି ଦିଆଯାଇଥିବାବେଳେ ପଥର ଖଣ୍ଡଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁନରୁଦ୍ଧାର ନାମରେ ଉଭୟ ମନ୍ଦିର କିପରି ନଷ୍ଟ ହୋଇଯାଇଛି ତାହା କାର୍ଯ୍ୟରୁ ସ୍ପଷ୍ଟ ଉଲ୍ଲେଖ ହେଉଛି।







ଏ ସମ୍ପର୍କରେ ଇନ୍‌ଟାକ ମୁଖ୍ୟ ସଂଯୋଜକ ଅନିଲ ଧୀର କହିଛନ୍ତି, କୌଣସି ପ୍ରତ୍ନତତ୍ତ୍ୱବିତ୍ କିମ୍ବା ଐତିହ୍ୟ ବିଶେଷଜ୍ଞ ପୁରାତନ ସଂରଚନାକୁ ଭାଙ୍ଗି ସେହି ସ୍ଥାନରେ ଏକ ନୂତନ ନିର୍ମାଣ କରିବେ ନାହିଁ। ଉଭୟ ପୁରାତନ ମନ୍ଦିରଗୁଡିକ ପୁନରୁଦ୍ଧାର ଯୋଗ୍ୟ ଅବସ୍ଥାରେ ଥିଲା ଏବଂ ସେମାନଙ୍କର ମୂଳ ରୂପରେ ସଂରକ୍ଷିତ ହୋଇଥାନ୍ତା। ବାସ୍ତବରେ, ପୁରାତନ ମନ୍ଦିରଗୁଡିକ ଅକ୍ଷୁଣ୍ଣ ରହିବା ଉଚିତ ଏବଂ ନୂତନ ସଂରଚନା ଯେଉଁଠାରେ ଚିତ୍ର, ପ୍ରାଚୀନ ପଥରଗୁଡ଼ିକ ସୁରକ୍ଷିତ ରଖିବା ଆବଶ୍ୟକ। ସେହିଭଳି ଗବେଷକ ଦୀପକ ନାୟକ କୁହନ୍ତି, ଅର୍ଦ୍ଧ-କୁଶଳୀ ବ୍ୟକ୍ତିଙ୍କ ଦ୍ୱାରା ସଂରକ୍ଷଣ କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟକୁ କୌଣସି ପ୍ରତ୍ନତତ୍ତ୍ୱ ବିଶେଷଜ୍ଞ କରି ନ ଥିବା ଜଣାପଡୁଛି। ଦୁଇଟି ପ୍ରାଚୀନ ପଥର ମନ୍ଦିର ଭାଙ୍ଗିବା ଦୁଃଖଦ ଘଟଣା। ବାସ୍ତବରେ ଯାହା ୧୪ ଶତାବ୍ଦୀରୁ ଅଧିକ ସମୟ ଧରି ବଞ୍ଚି ରହିଥିଲା, ତାହା ସଂରକ୍ଷଣ ନାମରେ ନଷ୍ଟ କରାଯାଉଛି। ଅନ୍ୟପଟେ ସଞ୍ଜୀବ ହୋତା ଏହା ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି ଏବଂ ପୁନରୁଦ୍ଧାର କାର୍ଯ୍ୟ ପାଇଁ କର୍ତ୍ତୃପକ୍ଷଙ୍କୁ ଲେଖିଛନ୍ତି। ଅଜିତ ପାତ୍ର କହିଛନ୍ତି, ଜିଲାର ସମଗ୍ର ଐତିହ୍ୟକୁ ଦଲିଲ କରିବା ପାଇଁ ଇନ୍‌ଟାକର କୋରାପୁଟ ଦଳ ଖୁବ୍‌ଶୀଘ୍ର ଏକ ପ୍ରକଳ୍ପ ଆରମ୍ଭ କରିବ। ସମୃଦ୍ଧ ଜୈନ ସ୍ମାରକୀ ଏବଂ ପ୍ରାଥମିକ ଅବଧି ଐତିହ୍ୟ ସଂରଚନା ଏପର୍ଯ୍ୟନ୍ତ ଠିକ ତାଲିକାଭୁକ୍ତ ହୋଇନାହିଁ। ଏ ନେଇ କୁନ୍ଦୁରା ବିଡିଓ ସନ୍ଧ୍ୟା ସମରଥ କୁହନ୍ତି, କୌଣସି ଐତିହ୍ୟ ନଷ୍ଟ କରିବା ଉଦ୍ଦେଶ୍ୟ ନୁହେଁ। ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଏହାର ନବୀକରଣ କରାଯାଉଛି। ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଥିବାରୁ ପୁନରୁଦ୍ଧାର କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ ବୋଲି ସେ କହିଛନ୍ତି। ଅନ୍ୟପଟେ ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ଜୈନ ମନ୍ଦିର ଓ ବିଷ୍ଣୁ ମନ୍ଦିର ଭଗ୍ନ ଅବସ୍ଥାରେ ଥିଲା। ଏବେ ପ୍ରଶାସନ ନବୀକରଣ କରୁଛନ୍ତି। କିନ୍ତୁ ଯେପରି ଐତହ୍ୟ, କୀର୍ତ୍ତିରାଜି ନଷ୍ଟ ନ ହେବ ସେଥିପ୍ରତି ଧ୍ୟାନ ଦିଆଯାଉ ବୋଲି ଫୁଫୁଗାଁର ତ୍ରିନାଥ ହରିଜନ କହିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

ଚନ୍ଦାହାଣ୍ଡି,(ଡି.ଏନ.ଏ)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମାଲଗାଁ ପଞ୍ଚାୟତ ଭେଣ୍ଡିଆ ଗ୍ରାମର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୁରେନ୍ଦ୍ର ସୁନାନୀ (୩୨)। ଘର ଅଶାନ୍ତିକୁ ନେଇ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଚନ୍ଦାହାଣ୍ଡି ଥାନାରେ ଜଣାଇଥିବା ଥାନା ଆଇ ଆଇସି ଉମେଶ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି । ନଂ.୪/୨୩ ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଦିଆଯାଇଛି। ଏଏସଆଇ ବସନ୍ତ କୁମାର ସ୍ୱାଇଁ ଏହାର ତଦନ୍ତ କରୁଛନ୍ତି।



**ସଂକ୍ଷେପରେ**

## କସ୍ତୁରବା ଗାନ୍ଧୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କାଲିମେଲା, ୧୩(ଡି.ଏନ.ଏ.)- କାଲିମେଲା ବ୍ଲକ ଅନ୍ତର୍ଗତ କାଙ୍ଗୁରୁକୋଣ୍ଡା ପଞ୍ଚାୟତସ୍ଥିତ ସରକାରୀ କସ୍ତୁରିବା ଗାନ୍ଧୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ, ମୁଖ୍ୟ ବକ୍ତା ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସାଗର ନାୟକ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଭଲପାଠ ପଢି ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। କୋର୍ଡିନେଟର ଶକୁନ୍ତଳା ମାଝୀ, ପୋଲିମେଟଲା ଏମପିଭି- ୭ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତନ୍ମୟ ଶୁଭଶ୍ରୀ ପିଙ୍କ, କାଙ୍ଗୁରୁକୋଣ୍ଡା ସରପଞ୍ଚ ରେବତୀ କୁଞ୍ଜ, ପୂର୍ବତନ ସରପଞ୍ଚ ଗଙ୍ଗାଧର ସୋଡ଼ି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆନନ୍ଦ କବାସି, ସିଆରସିସି ବିଘ୍ନରାଜ ସାହୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଯସ୍ମିତା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଶିକ୍ଷକ ସୁଶାନ୍ତ ସିଂ ସ୍ୱାଗତ ସୂଚନା ଓ ଶିକ୍ଷକ କମଳ ଲୋଚନ ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଲାର ୫ ହାଇସ୍କୁଲ ଯୁକ୍ତ ୨ ଅପଗ୍ରେଡ଼େସନରେ ସାମିଲ

ରାୟଗଡ଼ା,୧୩(ସ୍ୱ.ପ୍ର.)- ରାୟଗଡ଼ା ଜିଲାର ୫ ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ-୨ ପର୍ଯ୍ୟନ୍ତ ଅପଗ୍ରେଡ଼ କରିବା ନେଇ ବିଧାନସଭାରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲିଙ୍କ ପ୍ରଶ୍ନରେ ମନ୍ତ୍ରୀ ସମୀର ଦାସ ଉତ୍ତର ରଖିଛନ୍ତି। କ୍ଷମକଟକ ବ୍ଲକ ଦୁର୍ଗୀସ୍ଥିତ ପି.ଏସ. ହାଇସ୍କୁଲ, ରାମନାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ, କୋଲନରା ଜଗଦମ୍ବା ହାଇସ୍କୁଲ ଏବଂ କାଶୀପୁରସ୍ଥିତ ଟିକିରି ହାଇସ୍କୁଲକୁ ଉଚ୍ଚ ମାଧମିକ ବିଦ୍ୟାଳୟକୁ ଉନ୍ନୀତ କରି ଯୁକ୍ତ ୨ କଳା ବିଭାଗରେ ସାମିଲ କରାଯିବାକୁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ଚନ୍ଦ୍ରପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧମିକ ବିଦ୍ୟାଳୟରେ ଉନ୍ନୀତ କରି ବିଜ୍ଞାନ ବିଭାଗରେ ସାମିଲ କରାଯାଇଥିବା ସୂଚନା ମିଳିଛି।

## ନୀଳାଗୁଡା ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର, ୧୩ (ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ନୀଳାଗୁଡା ଜଙ୍ଗଲରେ ବୁଧବାର ଅବକାରୀ ବିଭାଗ ଚଢାଉ କରି ମଦ ବ୍ୟବସାୟୀମାନେ ଲୁଚାଇ ରଖିଥିବା ଦେଶୀ ମଦ ଓ ପୋଚ ନଷ୍ଟ କରିଛି। କର୍ମଚାରୀମାନେ ବହୁ ମଦ ଭାଟି ଭାଙ୍ଗିବା ସହ ୧୧ ଶହ ଲିଟର ପୋଚ ୬୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିଲେ। ଘଟଣା ସ୍ଥଳରୁ ମଦ ରନ୍ଧା ସରଞ୍ଜାମ ଜବତ ହୋଇଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି ।

# ଜାତୀୟସ୍ତରର ଖେଳାଳିଙ୍କୁ ମିଳୁନି ପ୍ରୋତ୍ସାହନ

ସୁନାବେଡା, ୧୩ (ସ୍ୱ.ପ୍ର.)

- ଅଭ୍ୟାସ ପାଇଁ ହାଲ୍ ଇନ୍‌ଡୋର ଷ୍ଟାଡିୟମକୁ ତାଙ୍କୁ ମନା
- ଅନେକ ପ୍ରତିଯୋଗିତାରେ ଭାଗନେଇ ଆଣିଛନ୍ତି ସୁନାମ
- ସରକାର, ସ୍ଥାନୀୟ ପ୍ରଶାସନ ପ୍ରୋତ୍ସାହନ ଦେବାକୁ ଦାବି



କଳାକର

ରାଜ୍ୟ ସରକାର ଖେଳ ଓ ଖେଳାଳିଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି ଉତ୍ସାହିତ କରୁଛନ୍ତି। ମାତ୍ର ଏପରି କେତେକ ଜାତୀୟ ସ୍ତରର ଖେଳାଳି ଅଛନ୍ତି ଯେଉଁମାନେ ଉପଯୁକ୍ତ ପ୍ରୋତ୍ସାହନ ପାଉନାହାନ୍ତି। ବଣମଲ୍ଲୀ ପରି ବଣରେ ରହିଯାଉଛି ସେମାନଙ୍କ ପ୍ରତିଭା। ଏପରି ଜଣେ ଖେଳାଳି କୋରାପୁଟ ଜିଲା ସୁନାବେଡ଼ା ଅଞ୍ଚଳରେ ରହିଛନ୍ତି। ସେ ହେଲେ କଳାକର ପ୍ରଧାନ। ସେ ଜଣେ ଉଚ୍ଚ ସ୍ତରର ବ୍ୟାଡ୍‌ମିଣ୍ଟନ ଖେଳାଳି।

ସୁନାବେଡ଼ା ହାଲସ୍ଥିତ ଇନ୍‌ଡୋର ଷ୍ଟାଡିୟମ ବ୍ୟାଡ୍‌ମିଣ୍ଟନ କୋର୍ଟରେ ୨୦୦୫ରେ ସେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୫ ଅକ୍ଟୋବର ମାସରେ ପ୍ରଥମ କରି ସମ୍ବଲପୁରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ କଳାକର ଅଂଶଗ୍ରହଣ କରି ଚାମ୍ପିୟନ ହୋଇ ଅବିଭକ୍ତ କୋରାପୁଟ ଜିଲା ପାଇଁ ଗୌରବ ଆଣିଥିଲେ। ପରେ ଆଉ ପଛକୁ ହଟିନାହାନ୍ତି ସେ। ୨୦୧୭, ୨୦୧୮, ୨୦୨୧, ୨୦୨୨ ଓ ୨୦୨୩ରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଖେଳି ନିଜକୁ ସଫଳ କ୍ରୀଡ଼ାବିତ୍ ରୂପେ ପ୍ରମାଣିତ କରିଥିଲେ। ୨୦୧୯ ଓ ୨୦୨୨ ରେ ଭୁବନେଶ୍ୱର ଓ ନବରଙ୍ଗପୁରରେ ହୋଇଥିବା ପ୍ରତିଯୋଗିତରେ ଭାଗନେଇ କଳାକାର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୨୦୧୫, ୨୦୧୭,୨୦୧୮,୨୦୨୦,୨୦୨୧ରେ ସେ ଜାତୀୟ ସ୍ତରରେ ହୋଇଥିବା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ହାସଲ କରିଥିଲେ। ମାର୍ଚ୍ଚ ମାସ ୧୮ରୁ ୨୩ ପର୍ଯ୍ୟନ୍ତ ଗୋଆରେ ହେବାକୁ ଥିବା ଜାତୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାଗ ନେବାପାଇଁ ମଧ ଯୋଗ୍ୟ ବିବେଚିତ ହୋଇଛନ୍ତି ଏହି ଖେଳାଳି। ମାତ୍ର ବିଡ଼ମ୍ବନାର ବିଷୟ ଏପରି ଜଣେ ପ୍ରତିଭାବାନ୍ ଖେଳାଳିଙ୍କ ପାଇଁ ଅଭ୍ୟାସ କରିବା ଲାଗି ବ୍ୟାଡ୍‌ମିଣ୍ଟନ କୋର୍ଟର ଅଭାବ ତାଙ୍କୁ ଅନେକ ସମୟରେ ଦୁଃଖ ଦେଇଥାଏ। କଳାକାର ଅଭ୍ୟାସ ପାଇଁ ବିଭିନ୍ନ ସ୍ଥାନକୁ ଦୌଡୁଛନ୍ତି। ସେମିଲିଗୁଡ଼ା ଅଞ୍ଚଳରେ ରହୁଥିବା କଳାକାର ଖେଳ ଅଭ୍ୟାସ ପାଇଁ କେତେବେଳେ ୧୫ କି.ମି. ଦାମନଯୋଡ଼ି ତ କେତେବେଳେ ୨୫କି.ମି.ଦୂର କୋରାପୁଟରେ ଥିବା ଇନ୍‌ଡୋର ଷ୍ଟାଡିୟମକୁ ଯାଇଥାନ୍ତି। ନିଜ ଘରପାଖ ହାଲ ଟାଉନଶିପରେ ଥିବା ଇନ୍‌ଡୋର ଷ୍ଟାଡିୟମକୁ ତାଙ୍କୁ ବାରଣ କରାଯାଇଛ ବୋଲି କଳାକାର କହିଛନ୍ତି। ଯେଉଁ ଷ୍ଟାଡିୟମ କୋର୍ଟରୁ ଖେଳ ଆରମ୍ଭ କରି ଏବେ ଜାତୀୟ ସ୍ତରର ଖେଳାଳି ହୋଇପାରିଛନ୍ତି, ଆଜି ସେହି ଷ୍ଟାଡିୟମ ତାଙ୍କୁ ମନା। ଏଭଳି ଜଣେ ଖେଳାଳିଙ୍କୁ ରାଜ୍ୟ ସରକାର ତଥା ସ୍ଥାନୀୟ ପ୍ରଶାସନ ପ୍ରୋତ୍ସାହନ ଦେଲେ ଆଗାମୀ ଦିନରେ ସେ ଆନ୍ତର୍ଜାତୀୟ ସ୍ତରରେ ନିଜ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିପାରିବେ ଏଥିରେ ସନ୍ଦେହ ନାହିଁ। ତାଙ୍କୁ ସରକାରୀ ସ୍ତରରେ ସମସ୍ତ ସହାୟତା ଯୋଗାଇବାକୁ ସ୍ଥାନୀୟ ଅଞ୍ଚଳର ବହୁ କ୍ରୀଡ଼ାପ୍ରେମୀ ଦାବି କରିଛନ୍ତି।

## ଗବେଷକ ହରି ପାଙ୍ଗିଙ୍କୁ ଆମେରିକାରୁ ନିମନ୍ତ୍ରଣ

କୋରାପୁଟ, ୧୩(ସ୍ୱ.ପ୍ର.)

**ପାରମ୍ପରିକ ଔଷଧୀୟ ଗୁଳ୍ମ, ଔଷଧୀୟ ବୃକ୍ଷର ବ୍ୟବହାର ଦେଲା ସ୍ୱୀକୃତି**



କୋରାପୁଟରେ ଆଦିବାସୀଙ୍କ ଚଳଣି ଓ ସଂସ୍କୃତିକୁ ନେଇ ଗବେଷଣା କରୁଥିବା ଗବେଷକ ହରି ପାଙ୍ଗିଙ୍କୁ ଆମେରିକାରୁ ନିମନ୍ତ୍ରଣ ଆସିଛି। ସେ ଆମେରିକାରେ ଆଇଭିଏଲ୍‌ପିକାର୍ଯ୍ୟକ୍ରମରେ ଯୋଗଦେବାକୁ ଏହି ନିମନ୍ତ୍ରଣ ଆସିଥିବା ଜଣାପଡିଛି। ଦେଓମାଳିର ଔଷଧୀୟ ସମ୍ପଦକୁ ପରଖୁଥିବା ଗବେଷକ ପାଙ୍ଗି ଜଳବାୟୁ ପରିବର୍ତ୍ତନ ତଥା ଜୈବ ବିବିଧତା ଉପରେ ହେବାକୁ ଥିବା ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇ ନିଜ ଅଞ୍ଚଳର ପାରମ୍ପରିକ ଔଷଧୀୟ ବୃକ୍ଷ ଓ ତାର ଜଳବାୟୁ ଉପରେ ପ୍ରଭାବ ସମ୍ପର୍କରେ ମତ ଉପସ୍ଥାପନ କରିବେ ବୋଲି ଏଡଏଟ ଏକନର ଓଡ଼ିଶା ମୁଖ୍ୟ ଉମି ଡାନିଏଲ କହିଛନ୍ତି। ଓଡିଶାରୁ ଏହି ବିଶ୍ୱସ୍ତରୀୟ ସମ୍ମିଳନୀରେ ଯୋଗଦେବା ପାଇଁ ପାଙ୍ଗି ମନୋନୀତ ହୋଇଥିବା ଜଣାପଡିଛି। ଦେଓମାଳି ପର୍ବତମାଳାରେ ବିଶଲ୍ୟକରଣୀ, ଗଙ୍ଗଶିଉଳି, କୋଚିଲା, ଗୁଡମାରି ଭଳି ପାରମ୍ପରିକ ଔଷଧୀୟ ଗୁଳ୍ମ ଓ ବିଭିନ୍ନ ଔଷଧୀୟ ବୃକ୍ଷକୁ ବ୍ୟବହାର କରି ନିଜ ପାରମ୍ପରିକ ଜ୍ଞାନ କୌଶଳକୁ ଆଧାର କରି ଚିକିତ୍ସା କରି ଚାଲିଛନ୍ତି। ଗ୍ରାମାଞ୍ଚଳରେ ଏହି ଔଷଧୀୟ ଗୁଳ୍ମ ଓ ବୃକ୍ଷର ଉପସ୍ଥିତି ଲୋକଙ୍କୁ ବିଭିନ୍ନ ଅସାଧ ରୋଗରୁ ରକ୍ଷା କରିଥାଏ ବୋଲି ହରି ମତ ଦେଇଛନ୍ତି। କୋରାପୁଟ ଅଞ୍ଚଳର ଏହି ଅମୂଲ୍ୟ ବିଭବକୁ ଲୋକ ଲୋଚନକୁ ଆଣିବା ଉଦ୍ଦେଶ୍ୟରେ ସେ ସେମିଲିଗୁଡା ବ୍ଲକ ଦଳେଇପୁଟ ପଞ୍ଚାୟତ ଜିଲା ପ୍ରଶାସନ ସହଯୋଗରେ ଡୋଲିଆମ୍ବଠାରେ ଗୁପ୍ତେଶ୍ୱର ଚେରମୂଳି ଔଷଧ ଓ ପାରମ୍ପରିକ ବିଜ୍ଞାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଯେଉଁଠି ଶତାଧିକ ଔଷଧୀୟ ବୃକ୍ଷ ଓ ଗୁଳ୍ମକୁ ସଂରକ୍ଷଣ କରିବାର ପ୍ରୟାସ ଆରମ୍ଭ ହୋଇଛି। ହରିଙ୍କ ଆମେରିକା ଯାତ୍ରା ପାରମ୍ପରିକ ଔଷଧୀୟ ସମ୍ପଦ ପ୍ରତି ସଚେତନତା ସୃଷ୍ଟି କରିବା ଏବଂ ଜିଲାର ବଣ ଜଙ୍ଗଲରେ ଔଷଧୀୟ ବୃକ୍ଷରାଜିର ବୃଦ୍ଧି କରିବାରେ ସହାୟକ ହେବ ବୋଲି କୋରାପୁଟ ସରକାରୀ ମହାବିଦ୍ୟାଳୟର ଅଧକ୍ଷ ତଥା ଉଦ୍ଭିଦ ବିଜ୍ଞାନ ବିଶେଷଜ୍ଞ ଦୀପକ ପଟ୍ଟନାୟକ କହିଛନ୍ତି।

# ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

କୋରାପୁଟ, ୧୩(ସ୍ୱ.ପ୍ର.)



ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଜିଲାପାଳ ବୁଲି ଦେଖୁଛନ୍ତି ।

ରାଜ୍ୟ ସରକାରଙ୍କ ମୋ ହସପିଟାଲ ଯୋଜନା କର୍ଯ୍ୟକାରିତା ନେଇ ବୁଧବାର କୋରାପୁଟ ଜିଲାପାଳ ଅବଦାଲ ଏମ. ଅଖତାର ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଜିଲାପାଳ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ନୂଆ ଓ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ବୁଲିବା ସହ ସେଠାରେ ଥିବା ସୁବିଧା ଓ ଅସୁବିଧା ସମ୍ପର୍କରେ ଡାକ୍ତର ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରଥମେ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପୁରୁଣା ଗୃହରେ ଚାଲିଥିବା ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରତ୍ୟେକ ୱାର୍ଡ ବୁଲି ଦେଖିଥିଲେ। ପରେ ୱାର୍ଡ ବାହାର ପାର୍ଶ୍ୱ ବୁଲିବା ସହ ବ୍ୟବଚ୍ଛେଦ ଗୃହ, ପୁଷ୍ଟିସାଧନ କେନ୍ଦ୍ର, ଓଡିଶା ଖଣି ନିଗମ ଦ୍ୱାରା ନିର୍ମାଣ ହୋଇଥିବା ନୂତନ ମା' ଓ ଶିଶୁ ବିଭାଗ ଡାକ୍ତରଖାନା ବୁଲି ଦେଖିଥିଲେ । ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ପରିମାଣରେ ପାନୀୟ ଜଳ ଓ ବିଦ୍ୟୁତ୍ ସୁବିଧା ଅଛି କି ନାହିଁ , ନିରାମୟ ଯୋଜନା ଠିକରେ ଚାଲୁଛି କି ନାହିଁ , ଆଉ କଣ ସବୁ ସମସ୍ୟା ରହିଛି ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ବର୍ତ୍ତମାନ ଖଣି ନିଗମ ଦ୍ୱାରା ତିଆରି ନୂଆ ସ୍ୱାସ୍ଥ୍ୟକେନ୍ଦ୍ରରେ ସରକାରଙ୍କ ସ୍ୱାସ୍ଥ୍ୟ ଗାଇଡଲାଇନ ଅନୁଯାୟୀ ଯେଉଁ ସବୁ ସୁବିଧା ନାହିଁ ତାହା କରାଯିବ । ଆଗାମୀ ଦିନରେ ଅନେକ ନୂତନ ଗୃହ ନିର୍ମାଣ କରାଯିବ। ନୂତନ ଯନ୍ତ୍ରାଂଶ ମଧ ଯୋଗାଣ ହେବ। ଆସନ୍ତା ସେପ୍ଟମ୍ବେର ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ କହିଥିଲେ। ତାଙ୍କ ସହ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ ପାଢୀ, ଲକ୍ଷ୍ମୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତିରଞ୍ଜନ ରଥ, ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଡାକ୍ତର ନବ କିଶୋର କୁଣ୍ଡୁ, ଡିପିଏମ୍‌ଓ ସନ୍ତୋଷିନୀ ପଣ୍ଡା, ଲକ୍ଷ୍ମୀପୁର ସମିତି ଅଧକ୍ଷ ଏସ. କୁଲେସିକା, ପୂର୍ବତନ ଏମ୍‌ପି ଝିନ ହିକକା, ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ କୁଲେସିକାଙ୍କ ସମେତ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଚିତ୍ରକୋଣ୍ଡା,୧୩(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ୟୁଥ କ୍ଲବ ଆନୁକୂଲ୍ୟରେ ଗତ ୨୬ତାରିଖଠାରୁ ଚାଲିଥିବା ଅବିଭକ୍ତ କୋରାପୁଟ ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ରାୟଗଡା ଜିଲାର ୧୬ଟି ଟିମ୍ ଏଥିରେ ଭାଗ ନେଇଥିଲେ। ବୁଧବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ନବରଙ୍ଗପୁର ସହିତ ମାଲକାନଗିରି ବାଲାଜୀ ସିକ୍ସ ମଧ୍ୟରେ ହୋଇଥିଲା। ଏଥିରେ ନବରଙ୍ଗପୁର ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ସମ୍ମାନିତ ଅତିଥିଭାବେ ଚିତ୍ରକୋଣ୍ଡା ସରପଞ୍ଚ ହରିମୋହନ ଖିଲ,ସମାଜିକ କର୍ମୀ ଦେବେନ୍ଦ୍ର ଦାଶ, ବନପାଳ ମୃତ୍ୟୁଞ୍ଜୟ ସେଠୀ, ମହାବିଦ୍ୟାଳୟ ଅଧକ୍ଷ ସୌମ୍ୟ ରଞ୍ଜନ ଦାଶ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ବିଜୟୀ ଚାମ୍ପିୟନ ଦଳକୁ ଦଳକୁ ୪୦ହଜାର ଓ ପରାଜିତ ଦଳକୁ ୩୦ ହଜାର ଟଙ୍କାର ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଛି। ପୁରସ୍କାର ଦିଆଯିବ ବୋଲି ଜଣାପଡିଛି। ୟୁଥ କ୍ଲବ ସଭାପତି ଅମିତ ଅଗ୍ରୱାଲ, ସମ୍ପାଦକ ରବୀନ୍ଦ୍ର ପାଢ଼ୀ ଓ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

## ସିଡବ୍ଲ୍ୟୁସି ଅଧକ୍ଷଙ୍କ ନବରଙ୍ଗପୁର ଗସ୍ତ




ଖବରଦାତା ସମ୍ମିଳନୀରେ ସିଡବ୍ଲ୍ୟୁସି ଅଧକ୍ଷ ଓ ଅନ୍ୟ ନେତାମାନେ ।

ନବରଙ୍ଗପୁର,୧୩(ବି.ପ୍ର.)

ବିଜେଡିର ଅର୍ଥ ବିଜୁ ଜନତା ଦଳ ନୁହେଁ ଏହା ବ୍ୟୁରୋକ୍ରାଟ ଜନତା ଦଳ। ସାଧାରଣ ଗଣତନ୍ତ୍ର ରାଜନୀତିରେ ନିର୍ବାଚିତ ପ୍ରତିନିଧି ନିୟମ ଜାରି କରନ୍ତି, ଶାସକ କଳ ସେହି ନିୟମକୁ ନେଇ ଲୋକଙ୍କ ପାଖରେ ସେବା ଜାରି ରଖନ୍ତି। କିନ୍ତୁ ଓଡ଼ିଶା ଶାସନରେ ଏହାର ଠିକ ଓଲଟା। ଓଡ଼ିଶାରେ କର୍ମଚାରୀମାନେ ନିୟମ ଜାରି କରନ୍ତି ଓ ବିଧାୟକମାନେ ତାହାକୁ ଲୋକଙ୍କ ପାଖକୁ ନିଅନ୍ତି। ବିଜେଡି କେନ୍ଦ୍ରର ଭାଜପା ସରକାରକୁ ବିରୋଧ କରୁଥିବା ବେଳେ ଲୋକସଭାରେ ସମସ୍ତ ବିଲକୁ ସମର୍ଥନ କରୁଛି। ଏହା କିଭଳି ବିରୋଧି ବୋଲି ନବରଙ୍ଗପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ସିଡବ୍ଲ୍ୟୁସି ଅଧକ୍ଷ ତାରିଖ ହାମିଦକାରା ପ୍ରଶ୍ନ କରିଛନ୍ତି। ଆଦିବାସୀ ଅଞ୍ଚଳରେ କଂଗ୍ରେସର କାର୍ଯ୍ୟକ୍ରମ ହାତରେ ହାତ ଜୋଡର ସଫଳତା ପାଇଁ ୪ଦିନିଆ ଗସ୍ତରେ ଆସିଥିବା କାରା ବୁଧବାର ସକାଳେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ,ପୂର୍ବତନ ବିଧାୟକ ସଦନ ନାୟକ, ଭୁଜବଳ ମାଝୀ, ଏଆଇସିସି ସଭ୍ୟା ମନୋଶା ତ୍ରିପାଠୀ, ପିସିସି ସଭ୍ୟ ଲିପିକା ମାଝୀ, ଦିଲୀପ କୁମାର ବେହେରା, ଦିଲୀପ ପ୍ରଧାନ, ସଞ୍ଜୀବ ବିଶୋଇ, ହାରାବତି ଗଣ୍ଡ, ବ୍ଲକ ଓ ନଗର କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ ପ୍ରମୁଖଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଗୁରୁବାର ନବରଙ୍ଗପୁର ବ୍ଲକରେ ଚାଷୀ, ମହିଳା,ଦଳିତ ତଥା ଆଦିବାସୀଙ୍କ ଜୀବନ ଜୀବିକା ବୁଲି ଦେଖିବା ସହ ସରକାରଙ୍କ ଉନ୍ନୟନ କାର୍ଯ୍ୟକ୍ରମ ଉପରେ ମଧ ବୁଲି ଦେଖିବେ ବୋଲି ଜଣାପଡିଛି।

# ବିକ୍ଷୋଭ କଲେ ଗ୍ରାମ୍ୟ କୃଷି କର୍ମୀ

ମାଲକାନଗିରି,୧୩(ଡି.ଏନ.ଏ.)

**ବ୍ଲକ କୃଷି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ବ୍ଲକ କୃଷି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଗ୍ରାମ୍ୟ କୃଷି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଛନ୍ତି। ଦୀର୍ଘଦିନ ଧରି ଖଇରପୁଟ ବ୍ଲକ କୃଷି ଅଧିକାରୀ ହେମନ୍ତ ପଡ଼ିହାରି ତାଙ୍କ ଅଧୀନରେ କାର୍ଯ୍ୟ କରୁଥିବା ୭ ଜଣ ଗ୍ରାମ୍ୟ କୃଷି କର୍ମୀଙ୍କୁ ବିଭିନ୍ନ ସମୟରେ ଦୁର୍ବ୍ୟବହାର କରିଆସୁଛନ୍ତି। ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ନନ୍ଦାଗିରି ରାମକୃଷ୍ଣ ହାଏଗ୍ରୀବଙ୍କୁ ଗ୍ରାମ୍ୟ କୃଷି କର୍ମୀମାନେ ଜଣାଇଥିଲେ ମଧ ସେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ବରଂ ଅଭିଯୋଗ କରିଥିବା ୭ଗ୍ରାମ୍ୟ କୃଷି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହାକୁ ନେଇ ଗ୍ରାମ୍ୟ କୃଷି କର୍ମୀମାନେ ଜିଲା ସଂଘ ପକ୍ଷରୁ ଜିଲା ମୁଖ୍ୟ କୃଷି ଅଧିକାରୀ ହାଏଗ୍ରୀବଙ୍କୁ ଦେଖା କରି ନିଜ ଅଭିଯୋଗ ଜଣାଇବାକୁ ଆସିଥିଲେ। ହାଏଗ୍ରୀବ ଏମାନଙ୍କୁ ଦେଖା କରିବାକୁ ସୁଯୋଗ ନ ଦେଇ ଆଜି ଦେଖା ହେଇପାରିବ ନାହିଁ ବୋଲି ସେମାନଙ୍କ ନିକଟକୁ ଏକ ଲିଖିତ କାଗଜ ପଠାଇଥିଲେ। ଏନେଇ ଗ୍ରାମ୍ୟ କୃଷି କର୍ମୀମାନେ କ୍ଷୋଭ ପ୍ରକାଶ କରିବା ସହ ଘଟଣାର ତଦନ୍ତ ନ ହେବା ଯାଏ ଜିଲାବ୍ୟାପୀ କାର୍ଯ୍ୟ ବନ୍ଦ ରହିବ ବୋଲି ଚେତାବନୀ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ହାଏଗ୍ରୀବଙ୍କୁ ପଚାରିବାରୁ ସେ କହିଲେ, ବ୍ଲକ କୃଷି ଅଧିକାରୀ ସେମାନଙ୍କୁ ସେପରି କିଛି ଦୁର୍ବ୍ୟବହାର କରିନାହାନ୍ତି ବୋଲି କହିଥିଲେ। ତେବେ ଅଭିଯୋଗର ତଦନ୍ତ ପରେ ସେ ପଦକ୍ଷେପ ନେବେ ବୋଲି କହିଥିଲେ।

# ଜିଲା ହସ୍ତତନ୍ତ ମେଳା ଉଦ୍‌ଘାଟିତ

ଜୟପୁର,୧୩(ନି.ପ୍ର.)

ଜୟପୁର ଦଶହରା ପଡିଆରେ ବୁଧବାରଠାରୁ ଜିଲା ହସ୍ତତନ୍ତ ମେଳା ଆରମ୍ଭ ହୋଇଛି । ଭାରତ ସରକାରଙ୍କ ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟର ପ୍ରଯୋଜନାରେ ଏବଂ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ବୟନିକା ମାଧମରେ ଆୟୋଜିତ ଏହି ମେଳାକୁ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ତହସିଲଦାର ସୁଶ୍ରୀ ସାଗରିକା ଷଡଙ୍ଗୀ, ଏସ୍‌ଡିପିଓ ହରିଷ ବିଶି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଜୟପୁରରେ ପ୍ରଥମ ଥର ପାଇଁ ହେଉଥିବା ଏହି ମେଳା ଆସନ୍ତା ୬ ତାରିଖ ଯାଏଁ ଚାଲିବ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ବୟନିକା ମାର୍କେଟିଂ ଚିଫ ମ୍ୟାନେଜର ଆର୍ତ୍ତରଞ୍ଜନ ମହାପାତ୍ର କହିଛନ୍ତି । ଏଥିରେ ଅନ୍ୟାନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବୟନିକା ମ୍ୟାନେଜର ଅନୀଲ ଦାସ, କଂଗ୍ରେସ ନେତା ଦେବେନ୍ଦ୍ର ବାହିନୀପତି ଉପସ୍ଥିତ ଥିଲେ ।

## ବାରିକ ବ୍ୟବସାୟୀ ସଂଘର ପଞ୍ଜୀକରଣ

ଉମରକୋଟ,୧୩(ସ୍ୱ.ପ୍ର.)

ଉମରକୋଟ ବାରିକ ବ୍ୟବସାୟୀ ସଂଘର ପଞ୍ଜୀକରଣ କାର୍ଯ୍ୟକ୍ରମ ଉମରକୋଟ ସ୍ଥିତ ମିକ୍ସ ଫାର୍ମଠାରେ ଅନୁଷ୍ଠିତ ହୋଇଯାଇଛି। ଭାଷା, ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ବାରିକ ବ୍ୟବସାୟୀ ଏଥିରେ ସଂଶ୍ଳିଷ୍ଟ ଅଛନ୍ତି। ଉମରକୋଟ ମ୍ୟୁନିସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ରଷି ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିବା ସହ, ଉପସ୍ଥିତ ବାରିକ ବ୍ୟବସାୟୀମାନଙ୍କୁ ନିଜ ନିଜ ଦୋକାନର ଆବର୍ଜନାକୁ ଅନ୍ୟତ୍ର ନ ପକାଇ ପୌର ପରିଷଦର ମଇଳା ଗାଡ଼ିରେ ପକାଇବାକୁ କହିଥିଲେ। ଏହି ପରିପ୍ରେକ୍ଷୀରେ ବାରିକ ବ୍ୟବସାୟୀ ସଂଘର ଆଇନ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ ବାରିକମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସମାଜରେ ଶିକ୍ଷା, ସ୍ୱାସ୍ଥ୍ୟ ବିଷୟରେ କିଭଳି ଭାବେ ସାହାଯ୍ୟ କରି ପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଆୟୋଜିତ ସଭାକୁ ବ୍ୟବସାୟୀ ସଂଘର କୋଷାଧକ୍ଷ କାଳୁଚରଣ ବେହେରା ପରିଚାଳନା କରିଥିଲେ। ସଂଘର ସଭାପତି ସନ୍ତୋଷ କୁମାର ବେହେରା, ଉପସଭାପତି ବିଚିତ୍ର ବାରିକ, ସଂପାଦକ ତପନ ରାୟ, ସହ ସଂପାଦକ ପେଣ୍ଡ୍ରା ଡାକୁଆ ତଥା ଉପଦେଷ୍ଟା ମଣ୍ଡଳୀ ବାଲାଜୀ ବେହେରା, ସୀମାଞ୍ଚଳ ବେହେରା, ସତ୍ୟନାରାୟଣ ଡାକୁଆ ଏବଂ ଅନ୍ୟ ସମସ୍ତ ସକ୍ରିୟ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ । ଶେଷରେ ସତ୍ୟନାରାୟଣ ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା ।

# ନବୀକରଣ ନାଁରେ ନଷ୍ଟ ହେଉଛି ଐତିହ୍ୟ

ଭୁବନେଶ୍ୱର,୧୩(ବ୍ୟୁରୋ):

**କୋରାପୁଟର ବିଷ୍ଣୁ, ଜୈନ ମନ୍ଦିର**

- ସର୍ଭେ ବେଳେ ଇନ୍‌ଟାକ୍ ଟିମ୍ ନଜରରେ ପଡ଼ିଲା
- ନୂତନ ଢାଞ୍ଚା ପାଇଁ ପୁରାତନ ଶୈଳୀକୁ ଭାଙ୍ଗିଦିଆଯାଉଛି







କୋରାପୁଟର ପ୍ରାଚୀନ ସମୟର ଦୁଇଟି କଳିଙ୍ଗନ ମନ୍ଦିର ନବୀକରଣ ନାଁରେ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୪୫ କିଲୋମିଟର ଦୂରରେ ଥିବା କୁନ୍ଦୁରା ବ୍ଲକର ଗୋରହାଣ୍ଡିର ବିଷ୍ଣୁ ମନ୍ଦିର ଏବଂ ଫୁଫୁଗାଁରେ ଥିବା ଜୈନ ମନ୍ଦିରକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ନବୀକରଣ କରିବା ନାମରେ ନଷ୍ଟ କରିଦିଆଯାଇଥିବା ଗବେଷଣା ସଂସ୍ଥା ଇନ୍‌ଟାକ୍ ଓଡ଼ିଶା ଟିମ୍ ପକ୍ଷରୁ ଏକ ସର୍ଭେରୁ ଜଣାପଡ଼ିଛି। ବିଷ୍ଣୁ ମନ୍ଦିରଟି ପ୍ରାୟତଃ ଷଷ୍ଠ ଶତାବ୍ଦୀ ସମୟର ହୋଇଥିବା ବେଳେ ସେହି ସମୟରେ ଅଞ୍ଚଳରେ ନାଳା ରାଜବଂଶଙ୍କ ଶାସନ ଚାଲିଥିଲା। ଏହା ପୁଷ୍କର ନାଳା ଦ୍ୱାରା ନିର୍ମିତ ହୋଇଥିବାର ଇନ୍‌ଟାକ ପକ୍ଷରୁ କୁହାଯାଇଛି। ସେହି ସମୟରେ ଏହା ଏକ ରେଖା ଭିମାନ ସହିତ ପ୍ରାରମ୍ଭିକ କଳିଙ୍ଗନ କ୍ରମର ଛୋଟ ମନ୍ଦିର ଥିଲା।

ଇନ୍‌ଟାକର ପ୍ରକଳ୍ପ ସଂଯୋଜକ ତଥା ବିଶିଷ୍ଟ ଐତିହାସିକ ଅନିଲ ଧୀରଙ୍କ ସମେତ ଗବେଷକ ଦୀପକ କୁମାର ନାୟକ, ବିକ୍ରମ ନାୟକ, କୋରାପୁଟର ସଦସ୍ୟ ସଞ୍ଜୀବ ହୋତା, ଏବଂ ଅଜିତ ପାତ୍ରଙ୍କୁ ନେଇ ଗଠିତ ଏକ ଟିମ୍ ନିକଟରେ କୋରାପୁଟରେ ଏକ ଐତିହ୍ୟ ସର୍ଭେ କରିବା ସମୟରେ ଏହା ନଜରକୁ ଆସିଥିଲା। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ୨ମନ୍ଦିରକୁ ସଂରକ୍ଷଣ କରାଯାଇ ମରାମତି ସହ ପୁନରୁଦ୍ଧାର କରାଯାଉଛି। ହେଲେ ଉକ୍ତ ପୁରାତନ ବିଷ୍ଣୁ ମନ୍ଦିରଟି ନଷ୍ଟ ହୋଇଯାଇଥିବା ବେଳେ ନୂତନ ଢାଞ୍ଚାରେ କରିବା ପାଇଁ ପ୍ରାଚୀନ ଗଠନ ଶୈଳୀକୁ ଭାଙ୍ଗି ଦିଆଯାଇଛି। ପୂର୍ବ ମନ୍ଦିରର ସମସ୍ତ ଖୋଦେଇ ଓ ଅଳଙ୍କାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଯାହାସବୁ ନୂତନ ଶୈଳୀରେ ମନ୍ଦିର ଗଠନ କରାଯାଉଛି, ତାହା ପୂର୍ବ ମନ୍ଦିର ସହିତ କୌଣସି ସମାନତା ରହୁ ନ ଥିଲା। ଏପରିକି ପୁରାତନ ଚତୁର୍ଭୁଜ ବିଷ୍ଣୁ ପ୍ରତିମୂର୍ତ୍ତିକୁ ପୁରାତନ ମନ୍ଦିରରୁ ହଟାଇ ଅବହେଳିତ ଭାବେ ଖୋଲା ସ୍ଥାନରେ ରଖାଯାଇଥିଲା। କେବଳ ଦୁଇଟି ଖୋଦିତ କବାଟ ବ୍ୟତୀତ ଅନ୍ୟ ସାଜସଜ୍ଜା ମୂର୍ତ୍ତି ନଷ୍ଟ ହୋଇଯାଇଛି। ସେହିପରି ବିଶିଷ୍ଟ ଗଜଲକ୍ଷ୍ମୀ ମୂର୍ତ୍ତି ସହିତ କବାଟ ଦ୍ୱାର ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଏଥିସହ କିଛି ପ୍ରାଚୀନ ପଥରଗୁଡ଼ିକୁ ସ୍ଥାନୀୟ ଲୋକ ନେଇଯାଇଥିବା ଜଣାପଡ଼ିଥିଲା। ସେହିଭଳି ବିଷ୍ଣୁ ମନ୍ଦିରଠାରୁ ମାତ୍ର ୩ କି.ମି. ଦୂରରେ ଥିବା ଫୁଫୁଗାଁର ଜୈନ ମନ୍ଦିରରେ ମଧ ଅଧା ମରାମତି ହୋଇଛି। ଏହି ମନ୍ଦିର ମଧ ଏକ ପ୍ରାରମ୍ଭିକ କଳିଙ୍ଗନ ସମୟର, ଯାହାକି ଷଷ୍ଠ–ସପ୍ତମ ଶତାବ୍ଦୀରେ ନିର୍ମିତ ହୋଇଥାଇପାରେ। ଏଠାରେ ମଧ ମୂଳ ଗଠନକୁ ଭାଙ୍ଗି ଦିଆଯାଇଥିବାବେଳେ ପଥର ଖଣ୍ଡଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁନରୁଦ୍ଧାର ନାମରେ ଉଭୟ ମନ୍ଦିର କିପରି ନଷ୍ଟ ହୋଇଯାଇଛି ତାହା କାର୍ଯ୍ୟରୁ ସ୍ପଷ୍ଟ ଉଲ୍ଲେଖ ହେଉଛି।

ଏ ସମ୍ପର୍କରେ ଇନ୍‌ଟାକ ମୁଖ୍ୟ ସଂଯୋଜକ ଅନିଲ ଧୀର କହିଛନ୍ତି, କୌଣସି ପ୍ରତ୍ନତତ୍ତ୍ୱବିତ୍ କିମ୍ବା ଐତିହ୍ୟ ବିଶେଷଜ୍ଞ ପୁରାତନ ସଂରଚନାକୁ ଭାଙ୍ଗି ସେହି ସ୍ଥାନରେ ଏକ ନୂତନ ନିର୍ମାଣ କରିବେ ନାହିଁ। ଉଭୟ ପୁରାତନ ମନ୍ଦିରଗୁଡିକ ପୁନରୁଦ୍ଧାର ଯୋଗ୍ୟ ଅବସ୍ଥାରେ ଥିଲା ଏବଂ ସେମାନଙ୍କର ମୂଳ ରୂପରେ ସଂରକ୍ଷିତ ହୋଇଥାନ୍ତା। ବାସ୍ତବରେ, ପୁରାତନ ମନ୍ଦିରଗୁଡିକ ଅକ୍ଷୁଣ୍ଣ ରହିବା ଉଚିତ ଏବଂ ନୂତନ ସଂରଚନା ଯେଉଁଠାରେ ଚିତ୍ର, ପ୍ରାଚୀନ ପଥରଗୁଡ଼ିକ ସୁରକ୍ଷିତ ରଖିବା ଆବଶ୍ୟକ। ସେହିଭଳି ଗବେଷକ ଦୀପକ ନାୟକ କୁହନ୍ତି, ଅର୍ଦ୍ଧ–କୁଶଳୀ ବ୍ୟକ୍ତିଙ୍କ ଦ୍ୱାରା ସଂରକ୍ଷଣ କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟକୁ କୌଣସି ପ୍ରତ୍ନତତ୍ତ୍ୱ ବିଶେଷଜ୍ଞ କରି ନ ଥିବା ଜଣାପଡୁଛି। ଦୁଇଟି ପ୍ରାଚୀନ ପଥର ମନ୍ଦିର ଭାଙ୍ଗିବା ଦୁଃଖଦ ଘଟଣା। ବାସ୍ତବରେ ଯାହା ୧୪ ଶତାବ୍ଦୀରୁ ଅଧିକ ସମୟ ଧରି ବଞ୍ଚି ରହିଥିଲା, ତାହା ସଂରକ୍ଷଣ ନାମରେ ନଷ୍ଟ କରାଯାଉଛି। ଅନ୍ୟପଟେ ସଞ୍ଜୀବ ହୋତା ଏହା ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି ଏବଂ ପୁନରୁଦ୍ଧାର କାର୍ଯ୍ୟ ପାଇଁ କର୍ତ୍ତୃପକ୍ଷଙ୍କୁ ଲେଖିଛନ୍ତି। ଅଜିତ ପାତ୍ର କହିଛନ୍ତି, ଜିଲାର ସମଗ୍ର ଐତିହ୍ୟକୁ ଦଲିଲ କରିବା ପାଇଁ ଇନ୍‌ଟାକର କୋରାପୁଟ ଦଳ ଖୁବ୍‌ଶୀଘ୍ର ଏକ ପ୍ରକଳ୍ପ ଆରମ୍ଭ କରିବ। ସମୃଦ୍ଧ ଜୈନ ସ୍ମାରକୀ ଏବଂ ପ୍ରାଥମିକ ଅବଧି ଐତିହ୍ୟ ସଂରଚନା ଏପର୍ଯ୍ୟନ୍ତ ଠିକ ତାଲିକାଭୁକ୍ତ ହୋଇନାହିଁ। ଏ ନେଇ କୁନ୍ଦୁରା ବିଡିଓ ସନ୍ଧ୍ୟା ସମରଥ କୁହନ୍ତି, କୌଣସି ଐତିହ୍ୟ ନଷ୍ଟ କରିବା ଉଦ୍ଦେଶ୍ୟ ନୁହେଁ। ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଏହାର ନବୀକରଣ କରାଯାଉଛି। ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଥିବାରୁ ପୁନରୁଦ୍ଧାର କରିବାକୁ ଅଞ୍ଚଳବାସୀ ଦାବି କରିଥିଲେ ବୋଲି ସେ କହିଛନ୍ତି। ଅନ୍ୟପଟେ ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ଜୈନ ମନ୍ଦିର ଓ ବିଷ୍ଣୁ ମନ୍ଦିର ଭଗ୍ନ ଅବସ୍ଥାରେ ଥିଲା। ଏବେ ପ୍ରଶାସନ ନବୀକରଣ କରୁଛନ୍ତି। କିନ୍ତୁ ଯେପରି ଐତହ୍ୟ, କୀର୍ତ୍ତିରାଜି ନଷ୍ଟ ନ ହେବ ସେଥିପ୍ରତି ଧ୍ୟାନ ଦିଆଯାଉ ବୋଲି ଫୁଫୁଗାଁର ତ୍ରିନାଥ ହରିଜନ କହିଛନ୍ତି।

